

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୨ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 02 November 2025

Vol.No. 36 ■ No.288 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଓଡ଼ିଶା ପାଲଟିବ ସେମିକଣ୍ଡକ୍ଟର ହବ୍: ସ୍ୱପ୍ନ ଦେଖାଇଥିଲା କେନ୍ଦ୍ର, ପୂରା କଲେ ଅଶ୍ୱିନୀ

ଭୁବନେଶ୍ୱର, ୧/୧୧ (ନି.ପ୍ର): ସେମିକଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣିମ ଦିନ । ପ୍ରଥମ ସେମିକଣ୍ଡକ୍ଟର ୟୁନିଟ୍‌ର ଶିଳାନ୍ୟାସ ସହ ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ପାଲଟିଛି । ଆଗକୁ ସେମିକଣ୍ଡକ୍ଟର ଇକୋ ସିଷ୍ଟମ କ୍ଷେତ୍ରରେ ଓଡ଼ିଶା ପାଲଟିବ ଅଗ୍ରଣୀ ରାଜ୍ୟ । କେନ୍ଦ୍ରର ଏଭଳି ପ୍ରତିଶ୍ରୁତି, ଓଡ଼ିଶା ପାଇଁ ନୂଆ ଆଶା ସୃଷ୍ଟି କରିଛି । ଓଡ଼ିଶାରେ ପ୍ରଥମ ସେମିକଣ୍ଡକ୍ଟର ପ୍ରକଳ୍ପର ହୋଇଛି ଶ୍ରୀଗଣେଶ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭିସି ଜରିଆରେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି । ଏହି ପ୍ରକଳ୍ପରେ ୨ ହଜାର ୬୭ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ । ୧ ହଜାର ପ୍ରତ୍ୟକ୍ଷ ଓ ୪ ହଜାର ପରୋକ୍ଷ



ନିଯୁକ୍ତି ସୃଷ୍ଟି ହେବ । ପ୍ରକଳ୍ପର ଶିଳାନ୍ୟାସ ସହ ସେମିକଣ୍ଡକ୍ଟର ହବ୍ ଦିଗରେ ଆଉ ପାଦେ ଆଗକୁ ବଢ଼ିଛି ଓଡ଼ିଶା । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ଉନ୍ନତ ଶିଳ୍ପର ସ୍ୱପ୍ନ ଏବେ ସାକାର ହେଉଛି । ଡବଲ ଇଞ୍ଜିନ ସରକାରରେ କେନ୍ଦ୍ର ସହଯୋଗ କରିବ, ରାଜ୍ୟ ପ୍ରସ୍ତୁତ ରହୁ । ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ଏବେ ପ୍ରଥମ ପସନ୍ଦର ରାଜ୍ୟ ପାଲଟିଛି । ସେମିକଣ୍ଡକ୍ଟର କ୍ଷେତ୍ରକୁ ଆଗକୁ ନେବାକୁ ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ଲ୍ୟାବ ପ୍ରତିଷ୍ଠା ସରିଛି । ଗୁଜରାଟ ପରେ ଦ୍ୱିତୀୟ ରାଜ୍ୟ ଭାବେ ଓଡିଶାରେ ସେମିକଣ୍ଡକ୍ଟର ୟୁନିଟ୍ ନିର୍ମାଣ ହୋଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ସରକାର ଯାହା କହିଥିଲେ ତାହା ପୂରା କରୁଛନ୍ତି । ହେଲେ ପୂର୍ବ ସରକାର କରୁଥିଲେ କ'ଣ ? କେବଳ ଏମଓୟୁ ଫାଇଲରେ ସୀମିତ ଥିଲା ଶିଳ୍ପ ? ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଓଡ଼ିଶା ପଛୁଆ କାହିଁକି ? ପୂର୍ବ ସରକାରଙ୍କୁ ପ୍ରଶ୍ନ ଓ ସେମିକଣ୍ଡକ୍ଟର ୟୁନିଟ୍ ଭେଟି ପାଇଁ ଡବଲ ଇଞ୍ଜିନ ସରକାରକୁ ପ୍ରଂଶସା କରିଛନ୍ତି ମୋହନ ମାଝୀ। କେବଳ ଚିପ୍ ନୁହେଁ ଆଗକୁ ସିପ୍ ବା ଜାହାଜ ନିର୍ମାଣ କରିବ ଓଡ଼ିଶା। ଏନେଇ ମୁମ୍ବାଇରେ ଏମଓୟୁ କରିଛନ୍ତି ମୁଖ୍ୟମନ୍ତ୍ରୀ ।

## ଚାକିରି ବୟସ ବଢ଼ାଇବା ପାଇଁ ଗଳାବାଟ: ଶକ୍ତି ବିଭାଗ ବଢ଼ାଇଲା ଅବସରସୀମା

ଭୁବନେଶ୍ୱର, ୧/୧୧ (ନି.ପ୍ର): ଆଶାୟୀଙ୍କୁ ମିଳୁନି ଚାକିରି, ହେଲେ ବୟସ୍କଙ୍କ ଅବସରସୀମା ବଢୁଛି । ଶକ୍ତି ବିଭାଗର ଏକ ବିଜ୍ଞପ୍ତିକୁ ନେଇ ପାୱାର କରିଡରରେ ଜୋର ଧରିଛି ଚର୍ଚ୍ଚା । କାହା ସ୍ୱାର୍ଥକୁ ସୁରକ୍ଷା ଦେବାକୁ ଯାଇ ଶକ୍ତି ବିଭାଗ ବୟସସୀମା ୬୩ରୁ ୬୫କୁ ବୃଦ୍ଧି କଲେ, ତାକୁ ନେଇ ଉଠିଛି ପ୍ରଶ୍ନ । ଶକ୍ତିବିଭାଗ ଅଧୀନରେ ଥିବା ଓପିଟିସିଏଲ, ଓଏଚପିସି, ଓପିଜିସି ଭଳି ସରକାରୀ ଉଦ୍ୟୋଗରେ ନିର୍ଦ୍ଦେଶକଙ୍କ ଅବସର ବୟସମୀମା ବଢ଼ିଛି । ପୂର୍ବରୁ ୬୩ ଥିଲା । ଏବେ ଏହାକୁ ୬୫ ବର୍ଷ ବୟସକୁ ବୃଦ୍ଧି କରାଯାଇଛି । ଆଉ କୁହାଯାଇଛି ସର୍ବାଧିକ କାର୍ଯ୍ୟକାଳ ୫ ବର୍ଷ ରହିବ । ଏହି ଚିଠି ଲୋକସେବା ଭବନରେ ଚର୍ଚ୍ଚାର ବିଷୟ ହୋଇଛି । ଓଡିଶାରେ ଲକ୍ଷ ଲକ୍ଷ ବେକାରୀ । ଯୁବବର୍ଗ ଚାକିରୀ ପାଇଁ ଅପେକ୍ଷା କରିଛନ୍ତି । ସରକାର ନିଯୁକ୍ତି ଉପରେ ଜୋର ଦେଉଛନ୍ତି । ଏମିତି ସମୟରେ ଆଶାୟୀଙ୍କ ବିରୋଧରେ ଏମିତି ଷଡ଼ଯନ୍ତ୍ର କଲା କିଏ ? ଶକ୍ତି ବିଭାଗର ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସମୀକ୍ଷକ। କହିଛନ୍ତି, କିଛି ନିର୍ଦ୍ଦିଷ୍ଟ ଅଫିସରଙ୍କ ପାଇଁ ଏଭଳି ଗଳାବାଟ କରିଛି ଶକ୍ତି ବିଭାଗ । ପ୍ରଶ୍ନ ଉଠୁଛି, କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନେଇଛି ଶକ୍ତି ବିଭାଗ ? ମୁଖ୍ୟ ସଚିବ ଓ ମୁଖ୍ୟମନ୍ତ୍ରୀ ଏକଥା ଜାଣନ୍ତି କି ? କାର୍ଯ୍ୟକାଳ ବୃଦ୍ଧି ପଛରେ କ'ଣ ରହିଛି କାରଣ ? ଶକ୍ତି ବିଭାଗରେ ନାହାନ୍ତି କି ଦକ୍ଷ ଅଫିସର ? ବୟସ୍କ ଅଫିସରଙ୍କ ଉପରେ ଭରସା କାହିଁକି ? ଶକ୍ତି ବିଭାଗରେ ଚର୍ଚ୍ଚା ହେଉଛି ଜଣେ ଅଣ ଓଡିଆ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ବଢାଇବା ପାଇଁ ଓପିଟିସିଏଲରୁ ପ୍ରସ୍ତାବ ଆସିଥିଲା। ଆଉ ବଡ଼ବଡ଼ିଆ ବାବୁ ଏମିତି ରାସ୍ତା କାଢ଼ିଛନ୍ତି । ଯଦି ଶକ୍ତି ବିଭାଗ ପାଇଁ ସବୁ ମାଫ୍, ତେବେ କାଲି ଅନ୍ୟବିଭାଗ ବି ଏହି ରାସ୍ତାରେ ଯିବେନି କି ?

## ଜମୁଛି ନୂଆପଡ଼ା ଲଢ଼େଇ: ଖୁବଶୀଘ୍ର ମଇଦାନକୁ ଓହ୍ଲାଇବେ ଶାସକ ଓ ବିରୋଧୀ ଦଳର ମୁଖିଆ

ଭୁବନେଶ୍ୱର, ୧/୧୧ (ନି.ପ୍ର): ୧୦ଦିନ ପରେ ପଡ଼ିବ ନୂଆପଡ଼ା ଭୋଟ୍ । ନେତା ବାଛିବେ ଜନତା । ତାରିଖ ପାଖେଇ ଆସୁଥିବାରୁ ମତଦାତାଙ୍କୁ ଆକୃଷ୍ଟ କରବାକୁ ସବୁ ଦଳ ବଳ ଲଗାଇ ଦେଇଛନ୍ତି । ହେଲେ ଉପନିର୍ବାଚନ ଯେତେ ପାଖେଇ ଆସୁଛି, ସେତେ ବଢୁଛି ଆରୋପ ପ୍ରତ୍ୟାରୋପ । ଆଉ ମୁହାଁମୁହିଁ ହେଉଛନ୍ତି ବିରୋଧୀ ଓ ଶାସକ ଦଳ ନେତା । ପ୍ରଚାରରେ ଫାଟି ପଡୁଛି ନୂଆପଡ଼ା । ସବୁ ଦଳ ପାଇଁ ଉପନିର୍ବାଚନ ଏବେ ସମ୍ମାନର ପ୍ରଶ୍ନ । ଏଣୁ ବାଜିମାତ୍ ପାଇଁ ସବୁ କଳ, କୌଶଳ ଲଗାଇଦେଇଛନ୍ତି । ଆଦିବାସୀ, ମହିଳା ସମାବେଶ ପରେ ଏବେ କେନ୍ଦୁପତ୍ର ତୋଳାଳିଙ୍କ ପାଖରେ ପହଞ୍ଚିଛି ବିଜେପି । ପ୍ରାୟ ୩୨ ହଜାର କେନ୍ଦୁପତ୍ର ତୋଳାଳି



ଅଛନ୍ତି । ସେମାନଙ୍କୁ ଏକାଠି କରିଛନ୍ତି ଜୟ ଢ଼ୋଲକିଆ । ବିଜେଡି ଓ କଂଗ୍ରେସ ବି ପଛରେ ନାହାନ୍ତି । ଯୁବ ବ୍ରିଗେଡଙ୍କୁ ନେଇ ମାରାଥନ ପ୍ରଚାର କରୁଛନ୍ତି ସ୍ନେହାଙ୍ଗିନୀ ଛୁରିଆ । କୋମନାକୁ ଫୋକସ କରିଛି କଂଗ୍ରେସ । ଏ ଅଞ୍ଚଳଟି ପଛୁଆ ଓ ଅବହେଳିତ ଥିବାରୁ ଏହାକୁ ପ୍ରସଙ୍ଗ କରି ଭୋଟ ମାଗୁଛନ୍ତି ଘାସିରାମ ମାଝୀ । ଏପଟେ ଆରୋପ ପ୍ରତ୍ୟାରୋପ ଏବେ ପାଦେ ଆଗକୁ ବଢ଼ି ଥାନାରେ ପହଁଚିଛି । ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓ ଅଧିରାଜ ପାଣିଗ୍ରାହୀଙ୍କ ନାଁରେ ମାମଲା ରୁଜୁ ହୋଇଛି । ନୂଆପଡ଼ା କୋମନା ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ଗାଳିଗୁଲଜ ଓ ମାରପିଟ୍ ଅଭିଯୋଗରେ ଏତଲା ହୋଇଛି । ଉଭୟଙ୍କ ବିରୋଧରେ ଲାଗିଛି ବିଏନଏସ୍ ସେକ୍ସନ ୧୨୬(୨), ୨୯୬, ୧୧୫(୨), ୩୫୧(୨) ଓ ୩ (୫) । ଗତକାଲି ବିଜେଡି ନେତା ପ୍ରୀତିରଂଜନ ଘଡେଇ ରହୁଥିବା ଘରେ ଚଢ଼ାଉ କରିଥିଲା ପୁଲିସ୍ ।

### ସ୍ନେହାଙ୍ଗିନୀଙ୍କ ପାଇଁ ଭୋଟ ମାଗିଲେ ଅତନୁ

ଭୁବନେଶ୍ୱର, ୧/୧୧ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ଆଜି ନୂଆପଡ଼ା ଏନଏସି ଅନ୍ତର୍ଗତ ୱାର୍ଡ ନଂ-୨ରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ପ୍ରଚାର ଶୋଭାଯାତ୍ରାରେ ବିପୁଳ ଜନସମର୍ଥନ ମିଳିଥିବା ଦେଖାଯାଇଥିଲା । ଶତାଧିକ କର୍ମୀଙ୍କ ଗହଣରେ ବିଜେଡିର ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଦୀପାଳି ଦାସ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ ।

## ଏଥର ୪ ଦିନ ପଞ୍ଚୁକ, ଶ୍ରୀକ୍ଷେତ୍ର ଲୋକାରଣ୍ୟ: ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଗହଳି

ପୁରୀ, ୧/୧୧ (ନି.ପ୍ର):ରାତି ପାହିଲେ ପଞ୍ଚୁକ । ଏଥର ୪ ଦିନ ପଞ୍ଚୁକ ରହୁଥିଲାକୁ ଚାରି ଦୁର୍ଲଭ ବେଶରେ ଦର୍ଶନ ଦେବ ଶ୍ରୀଜିଉ । କୌଣସି ଅପ୍ରୀତିକର ଘଟଣାକୁ ଏଡ଼ାଇବା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ଏକମୁଖୀ ଦର୍ଶନ ପ୍ରବେଶ ବ୍ୟବସ୍ଥା ହୋଇଛି । ଶ୍ରଦ୍ଧାଳୁଙ୍କୁ ଭିତର କାଠ ମନା ହୋଇଛି । ରାତି ପାହିଲେ ପଞ୍ଚୁକ। ଚାରି ଦୁର୍ଲଭ ବେଶରେ ମିଳିବ ଶ୍ରୀଜିଉଙ୍କ ଦର୍ଶନ । ପଞ୍ଚୁକରେ ଶ୍ରୀମନ୍ଦିରରେ ରହିଥାଏ ସ୍ୱତନ୍ତ୍ର ନୀତି। କାଲିଠାରୁ ଦୁର୍ଲଭ ବେଶରେ ଦର୍ଶନ ଦେବେ ଶ୍ରୀଜିଉ । ୨ ନଭେମ୍ବର ଅର୍ଥାତ କାଲି ହରି ଏକାଦଶୀରେ ହେବ ମହାପ୍ରଭୁଙ୍କ ଲକ୍ଷ୍ମୀ- ନାରାୟଣ ବେଶ । ୩ ନଭେମ୍ବରରେ ତ୍ରିବିକ୍ରମ ବେଶ, ୪ ନଭେମ୍ବରରେ ଲକ୍ଷ୍ମୀ-ନୃସିଂହ ବେଶ ଓ ୫ ନଭେମ୍ବର କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବେଶ ବା ସୁନାବେଶରେ ଦର୍ଶନ ଦେବେ ଠାକୁର । ଏଥର ବାଙ୍କ ଚୁଡ ବେଶ ହେବନାହିଁ । ପୂର୍ବରୁ ଭିଡ଼ ଯୋଗୁଁ ଶ୍ରୀମନ୍ଦିରରେ ଅଘଟଣ ଘଟିଛି। ଆଜି ପୁଣି ଆନ୍ଧ୍ର ଶ୍ରୀକାକୁଳମରେ ଭେଙ୍କେଟଶ୍ୱର ମନ୍ଦିରରେ ଦଳାଚକଟାରେ ପ୍ରାଣ ହରାଇଛନ୍ତି ଶ୍ରଦ୍ଧାଳୁ । ଏହାକୁ ଦୃଷ୍ଟିରେ ରଖି ମାର୍କେଟ୍ ଛକ ପର୍ଯ୍ୟନ୍ତ ହୋଇଛି ବ୍ୟାରିକେଡ୍ ଓ ସେଡ୍ । ଚାରି ଦିନ କେବଳ ସିଂହଦ୍ୱାରରେ ପ୍ରବେଶ ଓ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ ନିଷ୍ପତ୍ତି ହୋଇଛି । ଭକ୍ତ କେବଳ ବାହାର କାଠରୁ ଶୃଙ୍ଖଳିତ ଦର୍ଶନ କରିବେ । ପୂର୍ଣ୍ଣିମା ଦିନ ଦ୍ୱିତୀୟ ଭୋଗ ମଣ୍ଡପ ପରଠାରୁ ଭିତରକାଠ ଦର୍ଶନ ପାଇଁ ହୋଇଛି ନିଷ୍ପତ୍ତି । ପୋଲିସ୍ ତରଫରୁ ଶ୍ରୀମନ୍ଦିର ଭିତରେ ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବ । ପଞ୍ଚୁକ ୪ ଦିନ ଶ୍ରୀମନ୍ଦିର ସହ ସହରର ଜନଗହଳି ସ୍ଥାନ, ଲୋକନାଥ ମନ୍ଦିର ଓ ବେଳାଭୂମି ଉପରେ କଡ଼ା ନଜର ରଖାଯାଇଛି ।

## ରାଜ୍ୟର ଆଉ ୪୪ଟି ତହସିଲରେ ଆରମ୍ଭ ହେଲା ଉପନିବନ୍ଧନ କାର୍ଯ୍ୟାଳୟ: ଅନଲାଇନରେ ସ୍ଲଟ ବୁକ କଲେ ହୋଇପାରିବ ଜମି କିଣାବିକା

ଭୁବନେଶ୍ୱର, ୧/୧୧ (ନି.ପ୍ର): ଆଜିଠୁ ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା କାମ ଶୁଭାରମ୍ଭ ହେବାକୁ ଯାଉଛି । ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲ୍ ପାଇଁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ରାଜ୍ୟର ୪୪ଟି ତହସିଲ୍‌ରେ ଏହି ସେବା ପାଇ ପାରିବେ ଉପଭୋକ୍ତା । ତୃତୀୟ ମହଲା ସମ୍ମିଳନୀ କକ୍ଷରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂର୍ବରୁ ୨୧୭ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରି ଆସୁଥିଲେ । ଆଜି ୧୩ ଜିଲ୍ଲାର



୪୪ଟି ତହସିଲରେ ଆରମ୍ଭ ହୋଇଛି । ଆଉ ବାକି ୫୬ଟି ତହସିଲରେ ଡିସେମ୍ବରରେ ଶୁଭାରମ୍ଭ କରିବାକୁ ସରକାର ଯୋଜନା କରିଛନ୍ତି । ଅନଲାଇନରେ ସ୍ଲଟ ବୁକ କରି ତହସିଲ କାର୍ଯ୍ୟାଳୟରେ ଜମି କିଣାବିକା କରି ପାରିବେ ଲୋକ। ରାଜ୍ୟରେ ସର୍ବାଧିକ ମୟୁରଭଞ୍ଜରେ ୧୨ଟି ତହସିଲ, କୋରାପୁଟରେ ୭ଟି ତହସିଲ, ସମ୍ବଲପୁରରେ ୫, ଢେଙ୍କାନାଳରେ ୩ଟି, କାନ୍ଧମାଳରେ ୩ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିଛି ।

## ବଦଳିଲା ଫାସଟ୍ୟାଗ୍ ନିୟମ : କେୱାଇଭି କରିନଥିଲେ କାମ କରିବନି ଫାସଟ୍ୟାଗ୍

ନୂଆଦିଲ୍ଲୀ,୧/୧୧ : ଆପଣ ଯଦି ଗାଡ଼ି ଚଳାଉଛନ୍ତି ଆଉ ଟୋଲ ଗେଟରେ ଫାସଟ୍ୟାଗ୍ ବ୍ୟବହାର କରୁଛନ୍ତି ତା' ହେଲେ ଏହି ଖବର ଆପଣଙ୍କ ଲାଗି ଜରୁରି । ଯଦି ଆପଣ ଗାଡ଼ିର **Know Your Vehicle** ବା କେୱାଇଭି ଭେରିଫିକେସନ କରାଇ ନାହାନ୍ତି ତେବେ ଆପଣଙ୍କ ଫାସଟ୍ୟାଗ୍ ଅଚଳ ହୋଇଯିବ । ଅର୍ଥାତ ପୁଣି ନଗଦ ଟୋଲ ଟ୍ୟାକ୍ସ ମାନେ ଫାସଟ୍ୟାଗ୍ ଦୁଇଗୁଣା ଅଧିକ ଟଙ୍କା ଆପଣଙ୍କୁ ଦେବାକୁ ପଡିବ । ପୂର୍ବରୁ ଅନେକ ଗାଡ଼ି ଚାଳକ ଗୋଟିଏ ଫାସଟ୍ୟାଗକୁ




ଅଲଗା ଅଲଗା ଗାଡ଼ି ପାଇଁ ଉପଯୋଗ କରୁଥିଲେ । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଫାସଟ୍ୟାଗ୍ ପକେଟରେ ରଖି ଟୋଲ ପ୍ଲାଜା ପାର ହୋଇଯାଉଛନ୍ତି ।

## ଏମକେସିଜିରେ ପୁଣି ରାଗିଂ

ଭୁବନେଶ୍ୱର, ୧/୧୧ (ନି.ପ୍ର): ଏମକେସିଜି ମେଡିକାଲ କଲେଜରେ ପୁଣି ରାଗିଂ ଅଭିଯୋଗ। ବେନାମୀ ଅଭିଯୋଗ ନେଇ ତାତିଲେ ବିଦ୍ୟାର୍ଥୀ । ପରିସରରେ ଆଣ୍ଟି ରାଗିଂ ସେଲର ବୈଠକ ବସିଛି । ବେନାମୀ ରାଗିଙ୍ଗରେ ଛାତ୍ରଛାତ୍ରୀଙ୍କୁ ଜେରା କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ରାଗିଂ ନେଇ ଛାତ୍ର ଜଣଙ୍କ ନିଜ ନାମ ଗୋପନ ରଖି ଅର୍ଥାତ୍ ବେନାମୀ ଭାବେ ଆଣ୍ଟି ରାଗିଙ୍ଗ ସେଲରେ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତି କରି ଆଜି ମେଡ଼ିକାଲ କଲେଜ୍ ପରିସରରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଛି। ଆଣ୍ଟି ରାଗିଂ ସେଲରେ ୫ ଜଣ ବିଦ୍ୟାର୍ଥୀଙ୍କ ନାମରେ ରାଗିଂ ଅଭିଯୋଗ ଆସିଛି । ଏହି ସୂଚୀରେ ହଷ୍ଟେଲ ନମ୍ବର୍ ୨ ଓ ୩ ହଷ୍ଟେଲର ୫ ଜଣଙ୍କ ନାମରେ ଅଭିଯୋଗ କରିଥିବା ଚିଠି ଆସିଛି । ବାରମ୍ବାର ଏହି ପରି ଆସୁଥିବା ବେନାମୀ ରାଗିଂ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାକୁ ଦାବି କରିଚନ୍ତି ଛାତ୍ରଛାତ୍ରୀ ।ବାରମ୍ବାର ଏଭଳି ଅଭିଯୋଗ ଦ୍ୱାରା କଲେଜ୍ ଓ ଛାତ୍ର ଛାତ୍ରୀ ମାନେ ମାନସିକ ଆଘାତ ପାଉଛନ୍ତି । ତଦନ୍ତ ନାମରେ ଘଣ୍ଟା ଘଣ୍ଟା ଧରି ଠିଆ କରୁଥିବା ଅଭିଯୋଗ । ଏହି ପରି ଆସୁଥିବା ଭିତ୍ତିହୀନ ଅଭିଯୋଗ କାରଣରୁ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେବା ସହ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ବ୍ୟାଘାତ ଉପଯୁଥିବା ବେଳେ ମାନସିକ ଚାପରେ ରହୁଥିବା ଅନେକ ବିଦ୍ୟାର୍ଥୀ ଯୁକ୍ତି ବାଢ଼ିଛନ୍ତି ।

## ସବୁଠୁ ଓଜନ ସାଟେଲାଇଟ୍ ଲଞ୍ଚ୍ କରିବ ଇସ୍ରୋ

ନୂଆଦିଲ୍ଲୀ,୧/୧୧ : ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହକାଶ କେନ୍ଦ୍ରରୁ ସିଏମ୍ଏସ୍-୦୩ ଯୋଗାଯୋଗ ଉପଗ୍ରହକୁ କକ୍ଷପଥକୁ ଛଡ଼ାଯିବ। ଏହି ସାଟେଲାଇଟ୍‌ର ଓଜନ ୪,୪୧୦ କିଲୋଗ୍ରାମ ଯାହାକି ଭାରତ ମାଟିରୁ ଉତ୍‌କ୍ଷେପଣ ହୋଇ ଏକ ଭୂ-ସମକାଳିକ ସ୍ଥାନାନ୍ତର କକ୍ଷ(ଜିଟିଓ)ରେ ଅବସ୍ଥାପିତ




ହେବାରେ ସବୁଠୁ ଓଜନଦାର ଉପଗ୍ରହ ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସବୁଠୁ ଶକ୍ତିଶାଳୀ ଏଲ୍‌ଭିଏମ୍୩-ଏମ୍୫ ରକେଟରେ ଏହି ସାଟେଲାଇଟ୍‌କୁ ଉତ୍‌କ୍ଷେପଣ କରାଯିବ।

▶▶ପୃଷ୍ଠା ୭

## ମନ୍ଦିରରେ ଭୟଙ୍କରେ ଦଳାଚକଟା: ୯ ଶ୍ରଦ୍ଧାଳୁ ମୃତ, ଅନେକ ଆହତ

ନୂଆଦିଲ୍ଲୀ,୧/୧୧ : ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା କାସିବୁଗା ଠାରେ ଥିବା ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଭୟଙ୍କର ଦଳାଚକାଟା। ମନ୍ଦିରରେ ହୋଇଥିବା ଦଳାଚକଟା ଯୋଗୁ ବର୍ତ୍ତମାନ ସୁଦ୍ଧା ୯ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି। ଅନେକ ଶ୍ରଦ୍ଧାଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ



ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏସବୁ ଭିତରେ ବିଚଳିତ କରିବା ଭଳି ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି। ମନ୍ଦିର ପରିସରରେ ଅନେକ ଶ୍ରଦ୍ଧାଳୁ ନିସ୍ତେଜ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳିଛି। କିଛି ଲୋକ ନିଜର ପ୍ରିୟଜନଙ୍କୁ ହରାଇ ମନ୍ଦିର ଭିତରେ ହିଁ ଚିତ୍କାର କରିବାରେ ଲାଗିଛନ୍ତି। ଜଣେ ମହିଳା ତାଙ୍କ ମୃତ ଛୋଟ ପୁଅକୁ ଉଠାଇବାକୁ ହେଉଥିବା ବିକଳ ଚିତ୍ର ସମସ୍ତଙ୍କୁ ଆନ୍ଦୋଳିତ କରିଛି। ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି

▶▶ପୃଷ୍ଠା ୭

# ସେଲ୍, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନ ଅବସରରେ ଖୁଣ୍ଟଗାଁରେ ଗ୍ରାମସଭା ଆୟୋଜିତ




ରାଉରକେଲା, ୧/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସତର୍କତା ବିଭାଗ ପକ୍ଷରୁ ଅକ୍ଟୋବର ୨୮ ତାରିଖରେ ଖୁଣ୍ଟଗାଁ ର ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଗ୍ରାମସଭାର ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରଏସପିର ସତର୍କତା ବିଭାଗର ଜିଏମ ତଥା ଏସିଭିଓ ଶ୍ରୀ ରଞ୍ଜନ ଭାରତୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ସତର୍କତା ବିଭାଗର ବିଭାଗର ଡ଼ିଜିଏମ ଶ୍ରୀ ସନ୍ଦୀପ ବଂଶଲ ଓ ଶ୍ରୀ ଏସ. କେ. ଏସ. ରାଜପୁତ, ସିଏସଆର ବିଭାଗର ଡ଼ିଜିଏମ ଶ୍ରୀ ଟି. ବି. ଟପ୍ପୋ, ଏବିଇଓ ଶ୍ରୀ ବି. କଛୁଆ, ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ତନୁଜା ତନ୍ତୀଙ୍କ ସହ ସ୍କୁଲ ପରିଚାଳନା କମିଟିର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଶିକ୍ଷକ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଆରଏସପିର ଅଧିକାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

ଶ୍ରୀ ଭାରତୀ ଉପସ୍ଥିତ ସମସ୍ତଙ୍କୁ ନିଷ୍ଠାପରାୟଣତା ଶପଥ ପାଠ କରାଇବା ସହିତ ଏକ ଦୁର୍ନୀତିମୁକ୍ତ ସମାଜ ଗଠନରେ ସାମୂହିକ ସତର୍କତାର ଗୁରୁତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସୁଶ୍ରୀ ମୁନମୁନ୍ ମିତ୍ରା ପିଲାମାନଙ୍କ ମଧ୍ୟରେ ସଚ୍ଚୋଟତା ଏବଂ ସାଧୁତାର ମୂଲ୍ୟବୋଧକୁ ପୋଷଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଭବିଷ୍ୟତର ରାଷ୍ଟ୍ର ନିର୍ମାତା ଭାବରେ ସେମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମ ମଧ୍ୟ ଦେଇ ଏକ ଉତ୍ସାହପୂର୍ଣ୍ଣ ପଦଯାତ୍ରା ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ହାତରେ ପ୍ଲାକାର୍ଡ ଧରି ଛାତ୍ରଛାତ୍ରୀମାନେ ସଚ୍ଚୋଟତା, ସାଧୁତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଥିବା ସ୍ଲୋଗାନ ଦେଇଥିଲେ। ଏହା ପରେ ସ୍କୁଲ ପରିସରରେ ଏକ ସୃଜନଶୀଳ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା, ଯେଉଁଥିରେ ନୈତିକ ଆଚରଣର ଗୁରୁତ୍ୱ ଏବଂ ଦୁର୍ନୀତିର କ୍ଷତିକାରକ ପ୍ରଭାବ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ଏକ ଆବାହନୀ ସଙ୍ଗୀତ ଏବଂ ଶ୍ଳୋକ ପରିବେଷଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ବକ୍ତୃତା ମାଧ୍ୟମରେ ସେମାନଙ୍କର ପ୍ରତିଭା ଏବଂ ସଚେତନତା ପ୍ରଦର୍ଶନ କରିଥିଲେ। ନୀତି ଏବଂ ସାମାଜିକ ଦାୟିତ୍ୱ ଉପରେ କେନ୍ଦ୍ରିତ କବିତା ପାଠ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ସେମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ପ୍ରାଣବନ୍ତ ଏବଂ ଅର୍ଥଶୀଳ କରିଥିଲା। ସତର୍କତା ସଚେତନତା ସପ୍ତାହର ଅଂଶ ଭାବରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

ପ୍ରାରମ୍ଭରେ ସୁଶ୍ରୀ ତନୁଜା ତନ୍ତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶ୍ରୀ ଗୋବର୍ଦ୍ଧନ ସମାସି ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପରିଶେଷରେ ଆରଏସପି, ସତର୍କତା ବିଭାଗର ଏଜିଏମ ଶ୍ରୀ ଅବନୀ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖନୀୟ ଯେ ଆରଏସପି ଅବଶିଷ୍ଟ ଦେଶ ସହ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନରେ ଯୋଗ ଦେଇଛି। ଚଳିତ ବର୍ଷ ଏହି ସପ୍ତାହ ପାଳନର ବିଷୟବସ୍ତୁ ରହିଛି 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ।

# ଭଦ୍ରକ ନବୋଦୟ ବିଦ୍ୟାଳୟରେ ବ୍ୟାଗ ଲେସ୍ ଡେ କାର୍ଯ୍ୟକ୍ରମରେ ୧୦ ଦିନିଆ ଜଉକଣ୍ଢେଇ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବାସୁଦେବପୁର , ୧/୧୧ (ନି.ପ୍ର): ଭଦ୍ରକ ଜବାହର ନବୋଦୟ ବିଦ୍ୟାଳୟରେ ଗତ ୩୧ ତାରିଖ ପୂର୍ବାହ୍ନରେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବାଲେଶ୍ୱରୀ ଜଉକଣ୍ଢେଇ ପ୍ରଶିକ୍ଷଣର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭାରତ ସରକାରଙ୍କ ଶିକ୍ଷା ବିଭାଗର ବ୍ୟାଗ୍ ଲେସ୍ ଡେ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଶ୍ରୀ ନିରଞ୍ଜନ ଦଳାଇ ଅନୁଷ୍ଠାନିକ ଭାବେ ଉଦଘାଟନ କରି ଶୁଭାରମ୍ଭ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ଶିଳ୍ପୀ କେଶୁଦାସ ବାଲେଶ୍ୱରୀ ଜଉକଣ୍ଢେଇର ଇତିହାସ ଓ ସଂସ୍କୃତି ବିଷୟରେ ଆଲୋକପାତ କରିବା ସହ ବିଶ୍ୱର ବିଶାଳ କଣ୍ଢେଇ ବଜାରରେ ଭାରତୀୟ କଣ୍ଢେଇର ଭାଗିଦାରୀ ବଢ଼ାଇବା ପାଇଁ ହେଲେ, ଆମକୁ ତୃଣମୂଳ ସ୍ତରରୁ କାମ କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର କଳା ଶିକ୍ଷକ ଶ୍ରୀ ଅଜୟ କୁମାର ଦଳେଇ କର୍ମଶାଳାକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ଅନ୍ୟତମ ଜଉକଣ୍ଢେଇ ପ୍ରଶିକ୍ଷିକା ମାୟା ନାୟକ ଓ ସଙ୍ଗୀତା ମାଝି ଉପସ୍ଥିତ ଥିଲେ । ୮ମ ଶ୍ରେଣୀର ଛାତ୍ରୀ ରାଜସ୍ମିତା ତ୍ରିପାଠୀ ଓ ରାଜଶ୍ରୀ ନାୟକ କହିଲେ କି ଏହି କର୍ମଶାଳାରେ ଆମେ ଆମ କଳା ସଂସ୍କୃତି ବିଷୟରେ ବହୁତ କିଛି ଜାଣିବା ସହ ଏହାର ଗଠନ ଶୈଳୀ ବିଷୟରେ ଜାଣିଲୁ। ଏହା ବହୁ ପୁରାତନ ହେଲେ ମଧ୍ୟ ଆମକୁ ବହୁତ ନୂଆ ଲାଗିଲା। ଏହାଦ୍ୱାରା ଛାତ୍ର ଛାତ୍ରୀ ଏକ ନୂତନ ପ୍ରୟୋଗର ସମ୍ଭାବନା ଦିଗରେ ଆଲୋକପାତ କରିଥିଲେ।

## ସରକରୀ ଓକିଲଙ୍କ ଦୁର୍ନୀତି ନିବାରଣ ଶପଥ ପାଠ

କେନ୍ଦ୍ରାପଡ଼ା, ୧/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅଦଲତ ପରିସରରେ ଥିବା ପବ୍ଲିକ ପ୍ରସିକ୍ୟୁଟର ସୌଭାଗ୍ୟବତୀ ଅହଲ୍ୟାମଣୀ ପଟ୍ଟନାୟକଙ୍କ କାର୍ଯ୍ୟାଳୟରେ ଜିଲ୍ଲାର ସମସ୍ତ ସରକାରୀ ଓକିଲ ଦୁର୍ନୀତିମୁକ୍ତ ସେବା ଯୋଗାଇଦେବାକୁ ଶପଥ ଗ୍ରହଣ କରିଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ଶ୍ରୀମତୀ ପଟ୍ଟନାୟକ ସମସ୍ତ ସରକାରୀ ଓକିଲମାନଙ୍କୁ ଏହି ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା, ମୋନାଲିସା ବିଶ୍ୱାଳ, ସରୋଜ କୁମାର ମଲ୍ଲିକ, ସୁରେଶ ନାୟକ, ରମାକାନ୍ତ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ (ପ୍ରସିକ୍ୟୁସନ) ବିକ୍ରମ ସେଠୀ, ସ୍ୱତନ୍ତ୍ର ପିପି ମନୋଜ ସାହୁ, ସହକାରୀ ପିପି ସରୋଜ କୁମାର ଜେନା, ଭୀମସେନ ପ୍ରଧାନଙ୍କ ସମେତ ସମସ୍ତ ସରକାରୀ ଓକିଲମାନେ ଏଥିରେ ଯୋଗଦେଇ ମହକିଲମାନଙ୍କୁ ନିଶ୍ୱାର୍ଥପର ଭାବରେ ସେବା ଯୋଗାଇଦେବାକୁ ଶପଥ ଗ୍ରହଣ କରିଥିଲେ।

# ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗୁଛି ଜଙ୍ଗଲି ହାତୀପଲ



ଜଳେଶ୍ୱର, ୧/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ଶାଳ ଜଙ୍ଗଲକୁ ଲାଗି ଅଧିକାଂଶ ଜଙ୍ଗଲ ଜମିରେ ସ୍ଥାନୀୟ ଲୋକ ଧାନ ରୋପଣ କରିଥାଆନ୍ତି। ଧାନ ଚାଷରେ ମଧ୍ୟ ଅନେକ ଟଙ୍କା ଖର୍ଚ୍ଚ କରି ବର୍ଷର ମାର୍ଗଶିର ମାସ କୁ ଧାନ ଅମଳ ପାଇବାର ଆଶାରେ ରୁହନ୍ତି।ବରଡିହା, ଶ୍ୟାମନଗର ଓ ଖୁଆଡ ପଞ୍ଚାୟତର ଅଳ୍ପ କିଛି କୁ ଛାଡି ଦେଲେ ଅଧିକାଂଶ ଜଙ୍ଗଲ ଜମିରେ ଆଦିବାସୀଙ୍କ ଚାଷଜମି ଥାଏ।ଦୀର୍ଘ କିଛି ବର୍ଷ ଧରି ଠିକ କାର୍ତ୍ତିକ ମାସରୁ ଜଙ୍ଗଲୀ ହାତୀପଲ ରାଇବଣିଆ ଅଞ୍ଚଳକୁ ଆସିବା ଓ ଜଙ୍ଗଲ ପାଖ ଜମିରେ ଅମଳ ହୋଇଥିବା ଧାନକୁ ଖାଇ ଧାନଜମି ନଷ୍ଟ କରିଦେବା, ଆଦିବାସୀଙ୍କ ଆଖିର ଲୁହ ପାଲଟୁଛି। ଯଦିବା ସରକାରଙ୍କ ତରଫରୁ ବିଭାଗୀୟ କ୍ଷୟକ୍ଷତିର ଅନୁଧ୍ୟାନ କରାଯାଉଛି। ହେଲେ ନିଅମ ଅନୁଯାଇ ଜମି ପଟା ନ ଥିବାରୁ କ୍ଷୟକ୍ଷତିର ମୂଲ୍ୟ ଆଦିବାସୀଙ୍କୁ ମିଳି ପାରୁନାହିଁ। କେବଳ ସାମ୍ବିଧାନିକ ନଥିପତ୍ରରେ ଜଳ, ଜଙ୍ଗଲ ଓ ଜମିନର ଆଦିବାସୀଙ୍କ ଅଧିକାର ରହିଛି। ବାସ୍ତବିକରେ ଆଜିବି ଜଙ୍ଗଲି ହାତୀଙ୍କ ଉପଦ୍ରବ ରେ ଜଙ୍ଗଲ ପାଖ ଆଦିବାସୀଙ୍କ ଧାନ ଚାଷ ହାତୀପଲ ନଷ୍ଟ କରିବା ଦ୍ୱାରା ଆଖିରେ ଲୁହନେଇ ବଞ୍ଚୁଛନ୍ତି। ସେହିପରି ଶ୍ୟାମନଗର ପଞ୍ଚାୟତର ଧାନଘେରୀ, ପଥରାଶୋଳ, ଘଷିପଦା, ଶୁକଯୋଡି, ଫୁଲଝରୀ ଗାଁର ଜଞ୍ଜାଳୀ ମହାନ୍ତ, ମେନକା ମହାନ୍ତ, କୁଶୁ ଟୁଡୁ, ସୋରେନ ମହାନ୍ତ,ରାମ ଟୁଡୁ, କ୍ଷିତିଶ ମହାନ୍ତ, ରମେଶ ମହାନ୍ତ, ଇନ୍ଦ୍ର ଟୁଡୁ, ଶଙ୍କର ଟୁଡୁ, ବିରାମ ଟୁଡୁ, ଲଶ ଟୁଡୁ, ପାଣ୍ଡୁ ମାରାଣ୍ଡି, ଡୋମାନ ହାଁସଦା, ଭାନୁ ହାଁସଦା, କାଳିଚରଣ ମହାନ୍ତ, ଶମ୍ଭୁ ମହାନ୍ତ, ଖାଙ୍କଡି ମହାନ୍ତ ଓ ଏହି ମୌଜାରେ ଥିବା ପଶ୍ଚିମବଙ୍ଗ ରାଜ୍ୟର ନୟାଗ୍ରାମ ବ୍ଲକ ଅନ୍ତର୍ଗତ ଧାନଶଳା ଗାଁର ଝାଡେଶ୍ୱର ମହାନ୍ତ, ପ୍ରମାନନ୍ଦ ମହାନ୍ତ ଓ କାଳିଚରଣ ମହାନ୍ତଙ୍କ ଚାଷଜମିକୁ ହାତୀପଲ ଆସି ସଂପୂର୍ଣ୍ଣ ନଷ୍ଟ କରିଦେବା ସହ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଲା ଭଳି ପରିଲକ୍ଷିତ ହୋଇଛି। ହୀରୁ ହାଁସଦାଙ୍କ ତିନି ଏକର ଚାଷଜମି ନଷ୍ଟ, ଜଙ୍ଗଲ ଜମିର ପଟା ନ ଥିଲାବେଳେ କିପରି କ୍ଷତିପୂରଣ ପାଇବ ମୁଣ୍ଡରେ ହାତ ଦେଇଛି। ଚାଷିମାନଙ୍କ ସରକାରଙ୍କ ପାଖରେ ଦାବୀ ସେମାନଙ୍କ କ୍ଷତିପୂରଣ ପ୍ରଦାନ କରାଯାଉ।

# ଦୁର୍ନୀତି ନିବାରଣ : ଆମ ସାମୁହିକ ଦାୟିତ୍ୱ ଉପରେ ଆଲୋଚନାଚକ୍ର

କନ୍ଧମାଳ , ୧/୧୧ (ନି.ପ୍ର): ୨୭ ଅକ୍ଟୋବର ରୁ ୨ ନଭେମ୍ବର ପର୍ଯ୍ୟନ୍ତ ପାଳନ ହେଉଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫ ଉପଲକ୍ଷେ ଆଜି ଫୁଲବାଣୀ ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଚଳିତ ବର୍ଷର ବାର୍ତ୍ତା " ଦୁର୍ନୀତି ନିବାରଣ : ଆମ ସାମୁହିକ ଦାୟିତ୍ୱ" ଉପରେ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିଭୁତି ଭୂଷଣ ମହାପାତ୍ର, ଉପ-ଜିଲ୍ଲାପାଳ, ଫୁଲବାଣୀ ଶ୍ରୀ ଭିକାରୀ ସାହୁ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଶ୍ରୀ ନରେନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସନ୍ତୋଷ କୁମାର ପାଢ଼ି, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବାଲିଗୁଡା ଶ୍ରୀ କୃପାସିନ୍ଧୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ସାଧାରଣ ଅଭିଯୋଜକ(ଦୁର୍ନୀତି ନିବାରଣ) ଶ୍ରୀ ଭି. ଭି ରାମଦାଶ ଓ ସ୍ୱତନ୍ତ୍ର ସାଧାରଣ ଅଭିଯୋଜକ ଶ୍ରୀ ବିଜୟକୃଷ୍ଣ ପଟ୍ଟନାୟକ ଯଥାକ୍ରମେ ମୁଖ୍ୟ ବକ୍ତା ଓ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଦୁର୍ନୀତି ନିବାରଣ ପାଇଁ ଆଇନରେ ଥିବା ବିଭିନ୍ନ ଅପରାଧ ଓ ଦଣ୍ଡବିଧାନ ଉପରେ ଆଲୋଚନା କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଶ୍ରୀ ପ୍ରବୀଣ ବାଣୁଆ ସାଧୁତାର ଶପଥ ପାଠ କରାଇଥିଲେ। ଏହି ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ-ତଥା-ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ଗଦାଧର ପାତ୍ର ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପ-ଆରକ୍ଷୀ ଅଧିକ୍ଷକ(ଦୁର୍ନୀତି ନିବାରଣ), ଫୁଲବାଣୀ ଶ୍ରୀମତୀ କୁମୁଦିନୀ ସାହୁ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମକର୍ତ୍ତା, ଛାତ୍ରଛାତ୍ରୀ, ସ୍ୱୟମ ସହାୟକ ଗୋଷ୍ଠୀର ସଦସ୍ୟ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ନାବାଳିକା ଦୁଷ୍କର୍ମ ଅଭିଯୋଗରେ ୨୦ ବର୍ଷ ଜେଲ ଓ ୧୨ ହଜାର ଟଙ୍କା ଜରିମାନା

କନ୍ଧମାଳ , ୧/୧୧ (ନି.ପ୍ର): ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଏକ ୮ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ୧୯ ଜଣ ସାକ୍ଷୀ, ଡ଼ାକ୍ତରୀ ରିପୋର୍ଟ ଓ ପିଡିତାଙ୍କ ବୟାନ ଆଧାରରେ ବିଚାର କରି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଜିତୁ ପ୍ରଧାନ (୨୦) କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୧୨ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ତାକୁ ଆଉ ଅଧିକ ୧ ବର୍ଷ ୩ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟ ରେ ଉଲ୍ଲେଖ କରିଛନ୍ତି। ସରକାର ଙ୍କ ତରଫରୁ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ। ସୁଚନା ଅନୁସାରେ ୨୦୨୨ ମସିହା ଜୁଲାଇ ମାସ ୧୧ ତାରିଖ ତାରିଖ ରେ ସ୍ୱାମୀ ଙ୍କ ଅନୁପସ୍ଥିତି ଥିବାରୁ ୩ ମାସିଆ ଛୁଆ କୁ ଘରେ ଶୁଆଇ ଦେଇ ପିଡୀତାକୁ ଦେଖାଶୁଣା କରିବା ପାଇଁ ଜଗାଇ ଦେଇ ବିଲ କାମ କରିବା ପାଇଁ ଯାଇଥିଲା। କିଛି ସମୟ ପରେ ପଡୋଶୀ ଘରର ଅଭିଯୁକ୍ତ ଘର ଭିତରକୁ ଆସି, ପିଡୀତା ପିନ୍ଧି ଥିବା ଚଡ଼ି ଜବରଦସ୍ତି ଖୋଲି, ତଳେ ପକାଇ ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ବିଲ କାମ ସାରି ପିଡୀତା ର ମାଆ ଘରକୁ ଫେରି ପିଡୀତା କାନ୍ଦୁ ଥିବାର ଦେଖି ପଚାରିବାରୁ ସେ ଯୌନାଙ୍ଗ ଜଳୁଛି କହି ସମସ୍ତ ଘଟଣା ବର୍ଣ୍ଣନା କରିଥିଲା। ସ୍ୱାମୀ ଫେରିବାରୁ ସମସ୍ତ ଘଟଣା ଜଣାଇ ତା'ପର ଦିନ ବ୍ରାହ୍ମଣୀଗାଁ ଥାନା ରେ ଲିଖିତ ଅଭିଯୋଗ କରିଥିଲା। ଅଭିଯୋ ପ୍ରକାରେ ପୋଲିସ ଏକ ମାମଲା ୬୦। ୧୨.୭.୨୦୨୨ ରୁଜୁ କରି ମାମଲା ର ତଦନ୍ତ କରିଥିଲେ ଏବଂ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ରେ ହାଜର କରାଇଥିଲେ। ଆଜି ବିଚାରପତି ସେହି ମାମଲାର ବିଚାରଣା କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଏଥି ସହିତ ପିଡୀତା ର କ୍ଷତି ପୂରଣ ବାବଦକୁ ୫ ପାଞ୍ଚ ଲକ୍ଷ୍ୟ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା -୨୦୨୫ ଉଦ୍‌ଘାଟିତ

ବଲାଙ୍ଗିର, ୧/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଆଂଚଳିକ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଉପରଝର ଠାରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗୀତା ଗତକାଲି ଉଦଘାଟିତ ହୋଇଯାଇଛି । ତିନିଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗୀତାର ଉଦଘାଟନୀ ଉତ୍ସବରେ ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀ ମମତା ମହାଡ଼ିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପ୍ରଦୀ କୁମାର ନାଗ ଯୋଗ ଦେଇଥିଲେ, ଅନ୍ୟ ସମ୍ମାନିତ ଅତିଥି ଭାବରେ ତୁରେକେଲା ବ୍ଲକ ଶିକ୍ଷା ଅଧିକାରୀ ଗୌତମ ଟେଲ, ବଲାଙ୍ଗିର ଫୁଟବଲ ପ୍ରଶିକ୍ଷକ ପରାଶର ବାଗ, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମି ବିଶ୍ୱାଳ, ପର୍ଯ୍ୟବେକ୍ଷକ ଭାବରେ ସୁନୀଲ କୁମାର ବିଶ୍ୱାଳ, ଦେଓଗାଁ ବ୍ଲକର ଏଜିଇଓ ଚୈତନ୍ୟ ଧରୁଆ ଓ ଦେଓଗାଁ ବ୍ଲକ କ୍ରିଡା ସଂଗଠନର ସମ୍ପାଦକ ଉମେଶ ଚନ୍ଦ୍ର ପାଣିଗ୍ରାହୀ ମଂଚାସୀନ ଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ବାରିକ ସ୍ୱାଗତ ଅଭିଭାଷଣ କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀ କୁମାର ପାତ୍ର ବିବରଣୀ ପାଠ କରିଥିଲେ । ଏଥିରେ ବଲାଙ୍ଗିର ଜିଲ୍ଲାର ୧୪ ଗୋଟି ବ୍ଲକର ୧୭ ବର୍ଷରୁ କମ ବୟସର ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି ସର୍ବମୋଟ ୩୧୯ ଜଣ ଖେଳାଳି, ୩୧ ଜଣ ମେନେଜର ଓ ୩୧ ଜଣ ଅଫିସିଆଲ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ଉଦ୍ଦେଶ୍ୟ କେବଳ ପୁରସ୍କାର ଲାଭ ନୁହେଁ ବରଂ ଶୃଙ୍ଖଳା ସହ ସୁସ୍ଥ ଜୀବନ ମୂଲ୍ୟବୋଧ ହିଁ ଏହାର ପ୍ରଧାନ ଉଦ୍ଦେଶ୍ୟ ବୋଲି ଅତିଥିଗଣ ମାନେ ମତବ୍ୟକ୍ତ କରିଥିଲେ । ମନୋନୀତ ଖେଳାଳି ମାନେ ଆସନ୍ତା ନଭେମ୍ବର ମାସରେ ବଲାଙ୍ଗିର ଜିଲ୍ଲାରେ ହେବାକୁ ଥିବା ରାଜ୍ୟ ବିଦ୍ୟାଳୟ ଫୁଟବଲ ପ୍ରତିଯୋଗୀତାରେ ବଲାଙ୍ଗିର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ । କାର୍ଯ୍ୟକ୍ରମରେ ଦେଓଗାଁ ବ୍ଲକର ସମସ୍ତ ପ୍ରଧାନଶିକ୍ଷକ, କ୍ରିଡା ଶିକ୍ଷକ, ଶିକ୍ଷକ ତଥା ଉପରଝର ଗ୍ରାମବାସୀ ସହଯୋଗ କରିଥିଲେ । ମଂଚ ପରିଚାଳନା ହେମନ୍ତ ପ୍ରଧାନ ଓ ଧନ୍ୟବାଦ ଅର୍ପଣ ସନ୍ଧ୍ୟା ରାଣୀ ଛତ୍ରିଆ କରିଥିଲେ ।

# ବି.ଡି.ଏସ୍.ପି. କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା କର୍ମଶାଳା

ଖୋର୍ଦ୍ଧା, ୧/୧୧ (ନି.ପ୍ର): ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ, ଓଡ଼ିଶା ଆନୁକୁଲ୍ୟରେ ଅଣୁ , କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଓଡ଼ିଶା ସରକାର ଅଧୀନସ୍ଥ ନିର୍ଯାତ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା କ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା କାର୍ଯ୍ୟକ୍ରମ ଅଧୀନରେ ବିଜନେସ ଡିଭେଲପମେଣ୍ଟ ସର୍ଭିସ୍ ପ୍ରୋଭାଇଡର୍ସ (ବ୍ୟବସାୟ ବିକାଶ ସେବା ପ୍ରଦାନକାରୀ) ଇଣ୍ଟରଭେନସନ ଅନୁସାରେ ଏକ ଯୋଜନା ସମ୍ବନ୍ଧୀୟ କ୍ଷମତା ବିକାଶ କାର୍ଯ୍ୟଶାଳା ୩୧ ଅକ୍ଟୋବର ୨୦୨୫ ରେ ଖୋର୍ଦ୍ଧା କଲେକ୍ଟରେଟ ସଭାକକ୍ଷରେ ଆୟୋଜିତ ହୋଇଥିଲା।ଏହି ଅବସରରେ ଜ୍ୟୋତି ଶଙ୍କର ସାହୁ, ଓ.ଏ.ଏସ୍., ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ଅନୁଷ୍ଠାନକୁ ଗୌରବାନ୍ୱିତ କରିଥିଲେ। ଏହା ସହିତ ସଞ୍ଜୟ କୁମାର ମିଶ୍ର, ଓ.ଏ.ଏସ୍. (ଏସ୍.ବି.), ନିର୍ଦ୍ଦେଶକ, ନିର୍ଯାତ ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ, ଓଡ଼ିଶା; ପି. ପ୍ରଭାକର ରାଓ, ଓ.ଆଇ.ଏସ୍. (ଏସ୍.ଏ.ଜି.), ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଉଦ୍ୟମିତା ବିକାଶ ସଂସ୍ଥାନ (ଆଇ ଇ ଟି ), ଓଡ଼ିଶା; ସୁଶ୍ରୀ ସମୁଚିତା ମଲ୍ଲିକ, ସାଧାରଣ ପ୍ରବନ୍ଧକ, ଜିଲ୍ଲା ଶିଳ୍ପ କେନ୍ଦ୍ର ,ଖୋର୍ଦ୍ଧା; ସିଶିର ରଞ୍ଜନ ମିଶ୍ର, ସହାୟକ ନିର୍ଦ୍ଦେଶକ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ, ଓଡ଼ିଶା; ଏବଂ ପ୍ରଭାକର ଦାସ, ଯୁଗ୍ମ ନିର୍ଦ୍ଦେଶକ ଦର ଚୁକ୍ତି (ରେଟ୍ କନ୍ଟ୍ରାକ୍ଟ), ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ, ଓଡ଼ିଶା ଉପସ୍ଥିତ ଥିଲେ।

# ରାଜ୍ୟ ମହିଳା ଫିଡେ ରେଟିଙ୍ଗ ଚେସ ଚାମ୍ପିଅନସିପ୍ ୨୦୨୫ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୧/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟରେ ତଥା ଅଲ୍ ଓଡ଼ିଶା ଚେସ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସହୋଯୋଗ ରେ ଆଜି ସ୍ଥାନୀୟ ଗରପୁର୍ ଠାରେ ଥିବା ସ୍ୱୟଂସିଦ୍ଧା ହୋଟେଲରେ ଚଳିତ ବର୍ଷର ଓଡ଼ିଶା ମହିଳା ଫିଡେ ରେଟିଙ୍ଗ ଚେସ ଚାମ୍ପିଅନସିପ - ୨୦୨୫ ଉଦ୍ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଟି ସର୍ବୋଚ୍ଚ ପୁରସ୍କାର ରାଶି ୫୦୦୦୦ ଟଙ୍କା ଥିବାବେଳେ ଖେଳାଳି ମାନେ ସର୍ବନିମ୍ନ ପ୍ରବେଶିକା ଶୁଳ୍କ ଦେଇ ଭାଗ ନେବାର ସୁଯୋଗ ପାଇଛନ୍ତି। ଏହିଆବସରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଇଆଇସି ରବୀନ୍ଦ୍ର ନାଥ ବେହେରା, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍ ର ସମ୍ପାଦକ ସମରେନ୍ଦ୍ର ସାହୁ, ବରଗଡ଼ ଜିଲ୍ଲା ଚେସ ଆସୋସିଏସନ୍ର ସମ୍ପାଦକ କେ ଆର୍ ପ୍ରଧାନ, ସିପା ର ସଭାପତି ଇଂ ଧନଞ୍ଜୟ ସାବତ ଯୋଗ ଦେଇଥିବା ବେଳେ ଆସୋସିଏସନ୍ ର ସଭାପତି ଶ୍ରୀଯୁକ୍ତ କିଶୋର ପଣ୍ଡା,ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍ର ଉପସଭାପତି ଲଲାଟ କେଶରୀ ସାମଲ ମଂଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସ୍ୱାଗତ ସମିତିର ଉପଦେଷ୍ଟା ଉପିନ୍ ରାଉତ,କିଶୋର ଦାସ, ଶକ୍ତିଶ୍ରି ଲେଙ୍କା, ଗୌତମ୍ ମଲ୍ଲିକ, ସ୍ୱୋପ୍ନଜିତ୍ ବାରିକ, ଅସିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ଚାରିଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଂଟରେ ମୋଟ ୩୦ ଜଣ ମହିଳା ଖେଳାଳି ବିଭିନ୍ନ ଜିଲ୍ଲାରୁ ଭାଗନେଇଛନ୍ତି। ଯେଉଁ ଥିରେ କେନ୍ଦ୍ରାପଡାର ଝିଅ ରାଜ୍ୟଗୋଷ୍ଠି କ୍ରୀଡ଼ାରେ ସୋର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି, ଏସିଆ କପ୍ ବିଜେତା ଖୋର୍ଦ୍ଧାର ଯାସିତା ରାଉତ, ୟୁନିଭର୍ସିଟି ଚାମ୍ପିଅନ କଟକ ର ଗୀତାଶ୍ରୀ ବିଶ୍ୱାଳ, ଆନ୍ତର୍ଜାତିକ ଖେଳାଳି ଜୟଲକ୍ଷ୍ମୀ ସାହୁ, ନୈନିକ ସାହୁ, ଜ୍ୟୋତିକ ସାହୁ, ଉମା ଦଳପତି, ନିଭ୍ରୀତା ପଟ୍ଟନାୟକ ପ୍ରମୁଖ ସୁନାମଧନ୍ୟ ଖେଳାଳି ଭାଗ ନେଇଛନ୍ତି। ଖେଳର ସୁ ପରିଚାଳନା ପାଇଁ ଶ୍ରୀମତୀ ପିଙ୍କି ମହାପାତ୍ର ଚିଫ ଅର୍ବିଟର, ଡେପୁଟି ଆର୍ବିଟର ଭାବେ ଅଭିଷେକ ଆଚାର୍ଯ୍ୟ, ନମ୍ରଲା ରବିକୁମାର ଦାୟିତ୍ୱ ନେଇଥିବା ବେଳେ ଆସୋସିଏସନ୍ର ଅନ୍ୟତମ ଉପସଭାପତି ଅମରେଶ ସାହୁ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲବ ନାୟକ, ସବ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି।ଆସନ୍ତା ନଭେମ୍ବର ୩ ତାରିଖ ଅପରାହ୍ନ ୪ ଘଟିକା ସମୟ ରେ ଏହା ଉଦଯାପିତ ହେବ।


## NOTICE

ବାଣେଶ୍ୱର ଫିସ୍ ଫାର୍ମର ପ୍ରୋଡ୍ୟୁସୋର କୋପରେଟିଭ ସୋସାଇଟି ଲିମିଟେଡର ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କ ନିମନ୍ତେ ଅବଗତ କରାଯାଉଅଛିକି ଆସନ୍ତା ୧୫/୧୧/୨୫ (ଶନିବାର) ଦିବା ୧୦.୩୦ ଘଟିକା ସମୟରେ ବାର୍ଷିକ ସଧାରଣ ସଭା ବର୍ଦ୍ଧନପୁର ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀ (ମଣି ନାଗେଶ୍ୱର ମନ୍ଦିର ନିକଟ)ରେ ଆୟୋଜନ କରାଯାଉଅଛି।

ଏଣୁ ଆପଣମାନଙ୍କୁ ଅନୁରୋଧ ନିଜର ଉପସ୍ଥିତ ପ୍ରଦାନ କରି ଏହି ସଧାରଣ ସଭାକୁ ସାଫଲ୍ୟ କରି ସୋସାଇଟିର ଉତ୍ତରୋତ୍ତର କାମନା କରିବେ।

ହେମନ୍ତ କୁମାର ଜେନା
ସମ୍ପାଦକ

ବିରଞ୍ଚି ନାରାୟଣ ପଣ୍ଡା
ସଭାପତି

ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ ବେହେରା

ଭାଗ-୧୧୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

କେଉଁଠି ପଦ୍ମ ପାଖୁଡ଼ାକୁ ନିନ୍ଦା କରୁଥିବା ସେ ଅମଳ କମଳ ନୟନ ? କେଉଁଠି ପ୍ରଭୁ ପୁରୁଷୋତ୍ତମ ?

ଏହି ସମୟରେ ମହର୍ଷି ବଶିଷ୍ଠ କହିଥିଲେ, ଲକ୍ଷ୍ମଣ ଶ୍ରୀରାମଙ୍କୁ ଏହି ସ୍ଥାନକୁ ନେଇଆସ । ସେ ଆସି ସୀତାଙ୍କୁ ଶଂଖୋଳି ଯଜ୍ଞସ୍ଥଳକୁ ନେଇଯାଆନ୍ତୁ ।

ଚମକି ଉଠିଥିଲେ ସୀତାଦେବୀ । ତାଙ୍କ ସର୍ବାଙ୍ଗରେ କିଏ ଯେମିତି ଚତୁଃସମର ପ୍ରଲୋପ ଦେଇଦେଲା । ଉଲ୍ଲସିତ ହୋଇ ଉଠିଥିଲେ ସେ। ଏମିତି ଦିନେ ସେ ଉଲ୍ଲସିତ ହୋଇଥିଲେ ମିଥିଳାରେ ଯେଉଁଦିନ ପ୍ରଭୁ ଶ୍ରୀରାମ ତାଙ୍କ ହସ୍ତ ଧରିଥିଲେ । ଆଜି ମଧ ସେହିଭଳି ସେ ଅନୁଭବ କରୁଛନ୍ତି । କାହାନ୍ତି ପ୍ରଭୁ ଦାଶରଥୀ ? ଏ ସ୍ଥାନକୁ ଆସିବାରେ ସେ ଏତେ ବିଳମ୍ବ କରୁଛନ୍ତି କାହିଁକି ? ସେ କଣ ସୀତା ଆସିଲେଣି ବୋଲି ଜାଣିପାରୁ ନାହାନ୍ତି ? ଏହି ସମୟରେ ତାଙ୍କ କର୍ଣ୍ଣରେ ଗୁଞ୍ଜରି ଉଠିଥିଲା ଜୟ ଅଯୋଧାର ରାଜା ମହାନୁଭବ ପ୍ରଜାବତ୍ସଳ ଶ୍ରୀରାମଚନ୍ଦ୍ରଙ୍କର ଜୟ । ପ୍ରଭୁ ତାଙ୍କର ଆଗମନ କରୁଛନ୍ତି ନିଶ୍ଚୟ । ବେଦମନ୍ତ୍ର ଉଚ୍ଚାରିତ ହେଉଛି । ଜୟଧ୍ୱନିରେ କମ୍ପିଉଠୁଛି ସେ କ୍ଷେତ୍ର । ସଭିଙ୍କ ତୁଣ୍ଡରେ ଗୋଟାଏ କଥା, ପ୍ରଭୁ ଶ୍ରୀରାମ ବିଜେ କରୁଛନ୍ତି ।

ବିଜେକଲେ ପ୍ରଭୁ ଶ୍ରୀରାମ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ । ଅଯୋଧାର ପ୍ରଜାବତ୍ସଳ ରାଜା ଶ୍ରୀରାମ । ଦଶରଥଙ୍କ କୁଳନନ୍ଦନ ରଘୁକୁଳ ତିଳକ ଶ୍ରୀରାମ । ସଭିଙ୍କ ତୁଣ୍ଡରେ ଶ୍ରୀରାମ ନାମର ପ୍ରଶଂସା । କାହିଁ କେହି ଜଣେ ହେଲେ ତ କହୁନାହାନ୍ତି ସୀତାପତି ଶ୍ରୀରାମ ବିଜେ କଲେଣି ବୋଲି ? ପ୍ରଜାମାନେ ତାହେଲେ କ'ଣ ସୀତାଙ୍କୁ ଭୁଲିଗଲେଣି ? ଦିନଥିଲା, ସେତେବେଳେ ସେମାନେ ସୀତାରାମଙ୍କ ନାମରେ ଜୟଧ୍ୱନି ଦେଉଥିଲେ, ଆଜି ଆଉ କାହିଁ ସେ ଧ୍ୱନି ଶୁଣାଯାଉ ନାହିଁ ।

ସ୍ଥିର ହୋଇ ଛିଡ଼ା ହୋଇଛନ୍ତି ସୀତାଦେବୀ। ଚାରିପାରୁଶରେ ମାତାମାନେ, ଭଗ୍ନୀମାନେ । ଅନ୍ୟାନ୍ୟ ପୁରନାରୀ ମାନେ ତାଙ୍କୁ ବେଢ଼ି ରହିଛନ୍ତି । ବଶିଷ୍ଠ କହିଥିଲେ ସୀତାଙ୍କ ପାଖକୁ ଯିବାପାଇଁ ଶ୍ରୀରାମଙ୍କୁ ମାର୍ଗ ଦିଅ ।

ପଥରୁ ଦୂରେଇ ଯାଇଥିଲେ ପୁରନାରୀମାନେ । ଧୀରେଧୀରେ ପ୍ରଭୁ ଆସି ଛିଡ଼ା ହୋଇ ରହିଲେ ତାଙ୍କ ସମ୍ମୁଖରେ । ଛାତିରେ ଚମକଟିଏ ଖେଳିଗଲା ସୀତାଦେବୀଙ୍କର । ତାଙ୍କ ମନ ପ୍ରାଣ, ହୃଦୟ କନ୍ଦରର ନାୟକ, ଜ୍ଞାନ, ଧ୍ୟାନ, ଚେତନାର ପୁରୁଷ, ସୁଖ, ଦୁଃଖ ଜୀବନର ସାଥୀ ଆସି ତାଙ୍କ ସମ୍ମୁଖରେ ଛିଡ଼ା ହୋଇଛନ୍ତି । ମୁଖତୋଳି ତାଙ୍କୁ ଦେଖିବାକୁ ଚାହୁଁଥିଲେ ବି ଚାହିଁପାରୁ ନାହାନ୍ତି ସେ । କେବଳ ପ୍ରଭୁଙ୍କର କମଳ ତୁଲ୍ୟ ଦରବିକଶିତ ପଦ୍ମଯୁଗଳରେ ଲାଖିଯାଇଛି ତାଙ୍କର ଆଖି । ସହସା କାହିଁକି କେଜାଣି ଧାରଧାର ହୋଇ ଅଶ୍ରୁଝରି ପଡ଼ିଲା ତାଙ୍କ ଚକ୍ଷୁଯୁଗଳରୁ । ସେହି ଅଶ୍ରୁଜଳରେ ସେ ଧୋଇଦେଲେ ପ୍ରଭୁଙ୍କ ପାଦଯୁଗଳକୁ । ତୁଣ୍ଡରେ ଭାଷା ନାହିଁ । ହସ୍ତ ପଦର ଗତି ନାହିଁ । ଚକ୍ଷୁର ପଲକ ପଡୁନାହିଁ । ହୃଦୟର ସ୍ପନ୍ଦନ ବଢ଼ିବଢ଼ି ଚାଲିଛି ।

ଧୀର ସ୍ଥିର ହୋଇ ତାଙ୍କ ସମ୍ମୁଖରେ ଛିଡ଼ା ହୋଇଛନ୍ତି ତାଙ୍କ ପ୍ରାଣବଲ୍ଲଭ । ତାଙ୍କ ଚକ୍ଷୁରୁ ବାରିଧାରା ଖସି ପଡୁଥିବାର ସେ ଜାଣିପାରିଲେ, ଯେତେବେଳେ ଉତ୍ତପ୍ତ ଅଶ୍ରୁଧାରାଟିଏ ତାଙ୍କ ମସ୍ତକ ଭେଦ କରି ଗଣ୍ଡଦେଶକୁ ପ୍ଲାବିତ କଲା।

ଏମିତି ଏମିତି ନିରବରେ କିଛିସମୟ ବିତିଯିବା ପରେ ମହର୍ଷି ବାଲ୍ମିକୀ କହିଥିଲେ, ହେ ମର୍ଯ୍ୟାଦାବନ୍ତ ପୁରୁଷ ଶ୍ରୀରାମ, ତୁମ କଥା ରଖି ତୁମ ପତ୍ନୀ ସୀତାଦେବୀଙ୍କୁ ଆଣି ମୁଁ ତୁମ ନିକଟରେ ପହଞ୍ଚାଇ ଦେଇଛି । ତୁମ ବଚନ ରକ୍ଷାକରି ତୁମେ ଏବେ ସୀତାଙ୍କୁ ଯଜ୍ଞସ୍ଥଳକୁ ନେଇଯାଅ । ସୀତା ମୋ ଝିଅ । ମୋ ଆଶ୍ରମରେ ମୁଁ ତାଙ୍କୁ ଦଶବର୍ଷ ସ୍ଥାନ ଦେଇଥିଲି । ତୁମ ପୁତ୍ରଦ୍ୱୟକୁ ତୁମେ ପାଇସାରିଛ । ଏବେ ପତ୍ନୀକୁ ତୁମର ଗ୍ରହଣ କର । ମୁଁ ମହର୍ଷି ବାଲ୍ମିକୀ, ବେଦମନ୍ତ୍ରର ଶପଥ ନେଇ ତୁମ ଯଜ୍ଞ ଅଗ୍ନିକୁ ଚାହିଁ, ନଭସ୍ଥିତ ଦେବତା ମଣ୍ଡଳୀଙ୍କ ନାମରେ ଶପଥ ନେଇ କହୁଛି ସୀତା ପବିତ୍ର, ଜ୍ୱଳନ୍ତ ଅଗ୍ନି ଭଳି ପବିତ୍ର । ଏବେ ତୁମେ ସୀତାଙ୍କୁ ଗ୍ରହଣ କର ।

ସାଧୁ ସାଧୁ ମହର୍ଷି ବାଲ୍ମିକୀ । ତୁମର ଏ ସାଧୁ ଉଦ୍ୟମକୁ ସାରା ସଂସାର ମନେ ରଖିବ । ରାମ ସୀତାଙ୍କର ମିଳନ ଘଟାଇ ତୁମେ ଆଜି ତୁମ ରାମାୟଣର ଅନ୍ତିମ ଶ୍ଳୋକ ରଚନା କରିବ । ଏବେ ଜନତାଙ୍କ କଣ୍ଠରୁ ଝରିପଡ଼ିଲା ଜୟ ରାମ ସୀତାଙ୍କର ଜୟ, ରାମ ସୀତାଙ୍କର ଜୟ । ମହର୍ଷି ବଶିଷ୍ଠ ଏହି ସମୟରେ କହି ପକାଇଲେ ରାମ ସୀତାଙ୍କର ଏ ମିଳନ ମୁହୂର୍ତ୍ତରେ ଶଂଖନାଦ କର। ପୁରନାରୀମାନେ ହୁଳହୁଳି ଦିଅ । ଆଚାର୍ଯ୍ୟଗଣ ବେଦମନ୍ତ୍ର ପାଠକର । ଶଂଖ, ହୁଳହୁଳି, ବେଦମନ୍ତ୍ର ଧ୍ୱନିରେ ଉଚ୍ଛୁଳି ପଡ଼ିଲା ଯଜ୍ଞସ୍ଥଳ । ମହର୍ଷି ବଶିଷ୍ଠ କହିଥିଲେ ଦେବୀ ସୀତା, ପ୍ରଭୁ ଶ୍ରୀରାମଙ୍କୁ ପ୍ରଣାମ କରି ତାଙ୍କ ହସ୍ତଧାରଣ ପୂର୍ବକ ଯଜ୍ଞସ୍ଥଳକୁ ଗମନ କର ।

ମହର୍ଷି ବଶିଷ୍ଠଙ୍କ ମୁଖରୁ ଏପରି ବଚନ ଶୁଣି ଅନ୍ଧ ଚକ୍ଷୁଦାନ ପାଇଲେ ଯେମିତି ଆନନ୍ଦରେ ଫୁଲିଉଠେ, ସେମିତି ସୀତାଦେବୀ ଅତ୍ୟନ୍ତ ଆନନ୍ଦରେ ପ୍ରଭୁ ଶ୍ରୀରାମଙ୍କ ପାଦ ଛୁଇଁବାକୁ ଯାଉଥିବାବେଳେ, ବଜ୍ର ଗମ୍ଭୀର କଣ୍ଠରେ ପ୍ରଭୁ ଶ୍ରୀରାମ କହିଥିଲେ, "ରହିଯାଅ ସୀତେ । ପାଦ ଛୁଇଁବା ପୂର୍ବରୁ ତୁମକୁ ଏକ ପରୀକ୍ଷା ଦେବାକୁ ପଡ଼ିବ ।"

ଅଟକି ଯାଇଥିଲେ ସୀତାଦେବୀ । ହାତ ପାଦ ଛୁଇଁ ପାରୁ ନାହିଁ କି ଉପରକୁ ଉଠିପାରୁ ନାହିଁ । ପୁଣି କି ପରୀକ୍ଷା ନେବେ ପ୍ରଭୁ ସୀତା ଠାରୁ ?

ବଶିଷ୍ଠ, ବିଶ୍ୱାମିତ୍ର ସମସ୍ତେ ଏକସ୍ୱରରେ କହିଉଠିଲେ, ପରୀକ୍ଷା! କି ପରୀକ୍ଷା ? ପୁଣି ତୁମେ କି ପରୀକ୍ଷା ନେବ ଶ୍ରୀରାମ ।

ଆନନ୍ଦରେ ବିହ୍ୱଳିତ ହୋଇ ଉଠୁଥିବା ଜନତା ସ୍ତବ୍ଧ ହୋଇ ଯାଇଥିଲେ । ଦଶବର୍ଷ ପରେ ସୀତାଦେବୀ ବାଲ୍ମିକୀଙ୍କ ଆଶ୍ରମରୁ ଆସିଛନ୍ତି । ପୁଣି ତାଙ୍କଠାରୁ କି ପରୀକ୍ଷା ନେବେ ପ୍ରଭୁ ଶ୍ରୀରାମ ?

ଈଷତ୍ କ୍ରୋଧପ୍ରକାଶ କରି ବଶିଷ୍ଠ କହିଥିଲେ ରାମ! "ଏ ବେଳରେ ତୁମେ କି ପରୀକ୍ଷା ନେବାକୁ ଚାହୁଁଛ ? ତୁମେ କ'ଣ ତୁମ ପତ୍ନୀ ସୀତାଙ୍କୁ ଜାଣିନାହଁ ? ତାଙ୍କ ଚରିତ୍ର ଉପରେ ତୁମର କ'ଣ ସନ୍ଦେହ ଅଛି ? ଥରେ ଅଗ୍ନିପରୀକ୍ଷା ନେଇସାରିବା ପରେ ପତ୍ନୀଙ୍କୁ ତ୍ୟାଗ କଲ । ଦଶବର୍ଷ ପରେ ମହର୍ଷି ବାଲ୍ମିକୀଙ୍କୁ ପଠାଇ ତାଙ୍କୁ ଡକାଇ ଆଣି ସାରିବାପରେ, ପୁଣି ତୁମେ ପରୀକ୍ଷା ନେବାକୁ ଚାହୁଁଛ ?

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ ...

ପ୍ରଦେଶ ପ୍ରତ୍ୟୁଷ



ଜୀବନର ଯାତ୍ରା ଖୁବ୍ ଲମ୍ବା, ଯାହାର ପ୍ରତ୍ୟେକ ମୁହୂର୍ତ୍ତ ଏକ ଅମୂଲ୍ୟ ଉପହାର। ଏହି ଉପହାରକୁ ଆମେ କିପରି ଗ୍ରହଣ କରୁଛୁ, ତାହା ଆମର ଭବିଷ୍ୟତ ନିର୍ଦ୍ଧାରଣ କରେ। ସଫଳତା କେବଳ ଏକ ଗନ୍ତବ୍ୟସ୍ଥଳ ନୁହେଁ, ବରଂ ଏକ ଅବିରତ ଯାତ୍ରା ଯାହା ସଂଘର୍ଷ, ପରିଶ୍ରମ ଓ ନକାରାତ୍ମକତାକୁ ଦୂର କରିବା ଦ୍ୱାରା ହାସଲ କରିହୁଏ। ଜୀବନର ପ୍ରତ୍ୟେକ କ୍ଷଣକୁ ସୁଯୋଗରେ ପରିଣତ କରି ଆମେ ସଫଳତାର ଶିଖରକୁ ଛୁଇଁ ପାରିବା। ଆମର ପୂର୍ବସୂରୀ ଓ ମହାନ ବ୍ୟକ୍ତିଙ୍କ ଉଦ୍ୟମ, ପ୍ରଚେଷ୍ଟା ଓ ଧୀଶକ୍ତିକୁ ଅନୁସରଣ କରି ଆମର ଦୈନିକ ଜୀବନର ଯାତ୍ରାକୁ ଆଲୋକିତ କରି ପାରିବା।

ସଫଳତା କେବେ ହେଲେ ସହଜରେ ମିଳେ ନାହିଁ। ଏହା ଏକ କଠିନ ସଂଘର୍ଷର ଫଳ। ଯେତେବେଳେ ଆମେ ଅସଫଳତାର ସାମ୍ନା କରୁ, ସେତେବେଳେ ସଂଘର୍ଷ ଆମକୁ ଶକ୍ତି ଦେଇଥାଏ। ଥମସ୍ ଆଲଭା ଏଡିସନ୍, ବିଦ୍ୟୁତ୍ ବଲବର ଉଦ୍ଭାବକ, ଏହାର ଜ୍ୱଳନ୍ତ ଉଦାହରଣ। ସେ ୧୦୦୦ରୁ ଅଧିକ ଅସଫଳ ପ୍ରୟୋଗ ପରେ ସଫଳ ହୋଇଥିଲେ। ତାଙ୍କ କଥାରେ, "ମୁଁ ୧୦୦୦ ଥର ଅସଫଳ ହୋଇ ନଥିଲି, ବରଂ ୧୦୦୦ ଉପାୟ ଖୋଜିଥିଲି ଯାହା କାମ କରୁନ ଥିଲା।" ଏହି ପରିଶ୍ରମ ଓ ଧୈର୍ଯ୍ୟ ତାଙ୍କୁ ବିଶ୍ୱର ମହାନ୍ ଉଦ୍ଭାବକ କରିଥିଲା। ଆମର ଜୀବନରେ ମଧ ପ୍ରତ୍ୟେକ ଅସଫଳତା ଏକ ସୁଯୋଗ – ନୂଆ ଉପାୟ ଖୋଜିବାର।

ଆମ ସମୟର ସଫଳ ବ୍ୟକ୍ତି ଏଲନ୍ ମସ୍କଙ୍କୁ ନେଲେ, ସେ ସ୍ପେସ୍‌ଏକ୍ସର ପ୍ରଥମ ତିନୋଟି ରକେଟ୍ ଉତ୍‌କ୍ଷେପଣରେ ବିଫଳ ହୋଇ ଥିଲେ। କିନ୍ତୁ ସେ ହାର ମାନି ନଥିଲେ। ଚତୁର୍ଥ ଥର ସଫଳ ହେବା ପରେ ଆଜି ସ୍ପେସ୍‌ଏକ୍ସ ମହାକାଶ ଯାତ୍ରାରେ ଅଗ୍ରଣୀ ପାଲଟିଛି। ମସ୍କଙ୍କ କହିବାନୁସାରେ, "ଯଦି ତୁମେ କିଛି ଚେଷ୍ଟା କରୁନାହଁ, ତୁମେ କେବେ ବିଫଳ ହେବ ନାହିଁ, କିନ୍ତୁ ସଫଳ ମଧ ହେବ ନାହିଁ।" ଏହା ଶିଖାଏ ଯେ ସଂଘର୍ଷ ବିନା ସଫଳତା ଅସମ୍ଭବ।

ଜୀବନରେ ନକାରାତ୍ମକ ଚିନ୍ତାଧାରା ଏକ ବଡ଼ ବାଧା। ଭୟ, ସନ୍ଦେହ ଓ ଅଳସୁଆ ଆମକୁ ପଛକୁ ଟାଣିଥାଏ। ଏହାକୁ ଦୂର କରି ସକାରାତ୍ମକ ଦୃଷ୍ଟିକୋଣ ଅବଲମ୍ବନ କରିବା ଆବଶ୍ୟକ। ମହାତ୍ମା ଗାନ୍ଧୀ ବ୍ରିଟିଶ୍ ଶାସନର ନକାରାତ୍ମକ ଚାପ ସତ୍ତ୍ୱେ ଅହିଂସା ଓ ସତ୍ୟର ପଥରେ ଆଗେଇ ଭାରତକୁ ସ୍ୱାଧୀନତା ଦେଇଥିଲେ। ତାଙ୍କର ଦୃଢ଼ ବିଶ୍ୱାସ ଯେ "ଦୁର୍ବଳ ଲୋକ କ୍ଷମା ମାଗିପାରେ ନାହିଁ, କ୍ଷମା ହେଉଛି ବଳବାନଙ୍କ ଗୁଣ।" ଏହା ନକାରାତ୍ମକତାକୁ ସକାରାତ୍ମକତାରେ ପରିଣତ କରିବାର ଏ ସ୍ୱତନ୍ତ୍ର ସୂତ୍ର।

ଜେ.କେ. ରାଉଲିଙ୍ଗ୍, ହ୍ୟାରି ପଟର୍ ସିରିଜ୍‌ର ପ୍ରସିଦ୍ଧ ଲେଖିକା। ସେ ଜଣେ ଏକଲା ମାଆ ଭାବେ ଦାରିଦ୍ର୍ୟ ଓ ଡିପ୍ରେସନର ସାମ୍ନା କରି ୧୨ଟି ପ୍ରକାଶକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲେ। କିନ୍ତୁ ହାରି ଯାଇ ନଥିଲେ। ମନୋବଳକୁ ଦୃଢ କରିଥିଲେ ଏବଂ ସମସ୍ତ ନକାରାତ୍ମକତାକୁ ଦୂର କରି ଲେଖା ଜାରି ରଖିଥିଲେ। ଆଜି ସେ ବିଶ୍ୱର ସବୁଠାରୁ ଧନୀ ଲେଖିକା। ଏହା ପ୍ରମାଣ କରେ ଯେ ନକାରାତ୍ମକତାକୁ ଜୀବନରୁ ବାହାର କରି ପ୍ରତ୍ୟେକ କ୍ଷଣକୁ ସୁଯୋଗରେ ବଦଳାଇ ପାରିବା।

ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଏକ ନୂଆ ଆରମ୍ଭ। ସକାଳର ସୂର୍ଯ୍ୟୋଦୟ ଏକ ସୁଯୋଗ ନୂଆ ଲକ୍ଷ୍ୟ ନିର୍ଦ୍ଧାରଣ କରିବାର, ରାତ୍ରିର ନିଶ୍ଚିନ୍ତତା ଏକ ସୁଯୋଗ ଆତ୍ମ-ମୂଲ୍ୟାଙ୍କନ କରିବାର। ଆବ୍ରାହାମ୍ ଲିଙ୍କନ୍, ଆମେରିକାର ରାଷ୍ଟ୍ରପତି, ଅନେକ ନିର୍ବାଚନରେ ପରାଜିତ ହୋଇଥିଲେ, ବ୍ୟବସାୟରେ ଦେବାଳିଆ ହୋଇଥିଲେ, କିନ୍ତୁ ପ୍ରତ୍ୟେକ ଅସଫଳତାକୁ ସୁଯୋଗ ଭାବେ ଗ୍ରହଣ କରି ଦାସତ୍ୱ ପ୍ରଥା ଉଚ୍ଛେଦ କରିଥିଲେ।


ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ୍ ଏକ ଗରିବ ପରିବାରରୁ ଆସି ପେପର ବିକ୍ରି କରୁଥିଲେ। କିନ୍ତୁ ଶିକ୍ଷା ଓ ସ୍ୱପ୍ନକୁ ସୁଯୋଗ କରି ଭାରତର ମିସାଇଲ୍ ମ୍ୟାନ୍ ହୋଇଥିଲେ। ତାଙ୍କ କଥା, "ସ୍ୱପ୍ନ ସେଇଟା ନୁହେଁ ଯାହା ନିଦରେ ଦେଖାଯାଏ, ସ୍ୱପ୍ନ ସେଇଟା ଯାହା ନିଦ ଆସିବାକୁ ଦିଏ ନାହିଁ।"

ପ୍ରିୟ ପାଠକ, ଜୀବନର ପ୍ରତ୍ୟେକ କ୍ଷଣ ଏକ ସୁଯୋଗ – ସଂଘର୍ଷ କରିବାର, ନକାରାତ୍ମକତା ଦୂର କରିବାର ଓ ସଫଳତା ହାସଲ କରିବାର। ଏଡିସନ୍, ମସ୍କ, ଗାନ୍ଧୀ, ରାଉଲିଙ୍ଗ୍, ଲିଙ୍କନ୍ ଓ କଲାମଙ୍କ ପରିଶ୍ରମ ଆମକୁ ଶିଖାଏ ଯେ ସଫଳତା ଦୂର ନୁହେଁ, କେବଳ ଆମର ଦୃଢ଼ତା ଓ ସକାରାତ୍ମକ ଦୃଷ୍ଟିକୋଣ ଉପରେ ନିର୍ଭର କରେ। ଭାଙ୍ଗି ନପଡ଼ି ଆସନ୍ତୁ ଆଜି ଠାରୁ ଉଠିବା, ସଂଘର୍ଷ କରିବା ଓ ପ୍ରତ୍ୟେକ କ୍ଷଣକୁ ଆପଣାର କରିବା। ସଫଳତା ଆମକୁ ଅପେକ୍ଷା କରିଛି। ସକାଳର ସୂର୍ଯ୍ୟୋଦୟ ପ୍ରଥମ ସ୍ପର୍ଶରେ ଆମର ସଫଳତାର କିରଣ ବିଚ୍ଛୁରିତ ହେଉ । ମନକୁ ସବୁ କ୍ଳାନ୍ତି ଅବସାଦ ଓ ଗ୍ଲାନି ଅପସରି ଯାଉ ସୂର୍ଯ୍ୟାସ୍ତ ହେବା ପରି ।

♥ କୁରୁମଟାଙ୍ଗର, ମହୁଲପଡା,ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭

କବିତା...

## ଶବ୍ଦାଙ୍କୁର
ଡ. ପ୍ରସନ୍ନ କୁମାର ମହାନ୍ତି



॥ ଅର୍ଘ୍ୟ ॥
ଏଥର ଦେବୀଂକୁ ମୁଁ ମାଗୁନାହିଁ କିଛି
ଫେରିଆସିଲି ବରଂ ତାଂକୁ କିଛି ଯାଚି :
ଅଳ୍ପ କାଳି ବଳିଥିବା କଲମଟେ; ବାକି
କ୍ଷୀଣ ଗୋଟେ ଦେହ, କ୍ଳାଂତ ହଲେ ଆଖି ।

॥ ପ୍ରାର୍ଥନା ॥
ଏଯାଏଁ କାମନା ଥିଲା
ସୁଖରେ ରହନ୍ତି ଜିଇଁ,
ଏବର ପ୍ରାର୍ଥନା ଖାଲି
ଶାଂତିରେ ମାରିବା ପାଇଁ ।

॥ ସଂସାର ॥
ଏମିତି ଏକ ଗଛ
କୁଆଡୁ ଆସେ ପକ୍ଷୀଟିଏ
ବସା ବାଂଧେ; ଉଡିଯାଏ ।

♥ ଅମୃତାଶ୍ରୁ, ୩-ମହାଲକ୍ଷ୍ମୀ ନଗର
ଗ୍ୟାରେଜ୍ ଛକ, ଭୁବନେଶ୍ୱର-୨
ମୋ. ୯୪୩୭୩୫୭୦୫୦

## ନଈ କୂଳରେ ବସିଲେ
ହରିଶ୍ଚନ୍ଦ୍ର ବେହେରା



କିଏ ଜଣେ ଡାକିନିଏ ନଈ କୂଳକୁ
ଠିକ୍ ସଞ୍ଜ ହେଲେ ମୋତେ ଦିଶେନି ତାକୁ
ଖାଲି ରୁଣୁ ଝୁଣୁ ଶୁଭେ
ସେ ଜାଣେ ମୁଁ ନଈକୁ ଭଲ ପାଏ ଖୁବ୍
ମା'ର ସ୍ନେହ ପାଇଛି ସେଇଠୁ
ମା'ଗଲା ଦିନୁ

ତା'କୂଳରେ ବସିଲେ
ଏକା ସାଥିରେ ଛୁଇଁପାରେ
ଆକାଶ ଆଉ ସମୁଦ୍ରକୁ
କବିତାର ନିରବତାକୁ

କେତେ ମନୋରମ
ଘାଟ ଡଙ୍ଗାକୁ ଛୁଇଁ ଛୁଇଁ ଖେଳୁଥିବା
ଜଲ୍ଲା ମଉରାଳୀଙ୍କ ଖୁସି
ନାଉରୀର ମନ ଉଲୁସା ଗୀତ
ଜାଭା ସୁମାତ୍ରା ବର୍ଣ୍ଣିଓକୁ ଯାଉଥିବା
ପାଲ ଟଣା ବୋଇତ
କର୍ପୂର ବାସ ଉଡିଯାଇଛି ସିନା
ପଡ଼ି ରହିଛି କନା ।

ମୁଁ ଦେଖେ ଇତିହାସର କେତେ ଆଞ୍ଚୁଡ଼ା ଦାଗ
ତା'ଦିହରେ ।

ସଞ୍ଜ ପକ୍ଷୀର ଗୀତରୁ ମୁଁ ସବୁ ବୁଝି ପାରେ
ମାଟି ଉଖାରି ଦେଖେଁ
ଅଝାଲ ସିଲେଇ ଆଉ ଲବଣ ପୋକ୍ତାନର
ବାସ୍ନା ଆସୁଛି କି
ଆସୁଛି କି ଆମ ଐତିହ୍ୟର ସୁବାସିତ ନିଃଶ୍ୱାସ

କେତେ କଥା ନ ଭୋଗିଛି ଏ ନଈ
ତା'ପଠାର ପୁରୁଣା ବରଗଛ
ବେଳେବେଳେ
ଅନ୍ଧାର କୋଳରେ ମୁଣ୍ଡ ରଖି
ଖୁବ୍ କାନ୍ଦେ ଏ ନଈ
ତା'ଆଖିର ଲୁହ ସବୁ ବହିଯାଏ
ସମୁଦ୍ର ଆଡ଼କୁ
କୁଆଡ଼େ ତା'କଳାଘୁମର ଆଖିକୁ
ଚାହିଁ ହୁଏନି ଜମା,
ସେ କାନ୍ଦୁଥିବା ବେଳେ...
କହେ ଏ ବରଗଛ ।

♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

## କ୍ଷେତ ଆଉ ଭାତ
ସ୍ନିଗ୍ଧା ପଣ୍ଡା



ସାମ୍ନାରେ ହସୁଥିବା କ୍ଷେତ
ବେଲାରେ ଭାତ
ଏତିକିରେ ଶହେ ଜନ୍ମର ଖୁସି
ଅୟୁତେ ନିର୍ବାଣ
ଆକାଶର ରଙ୍ଗ ଆଉ କାଦୁଅର ବାସ୍ନା ଛଡ଼ା
ଆଉ କିଛି ମନେ ରହେ ନା
ଜୀବନର ନାଆକୁ
ଠେଲି ଠେଲି ନେଲା ବେଳେ
ବେଳ ଅବେଳରେ
କିଏ ସୁଅ କିଏ କୂଳ ଚିହ୍ନେ ନା ?


ଏବେ କାଳେ ବିକ୍ରି ହୁଏ ଖୁସି
ବ୍ୟାଙ୍କ ଖାତାରେ ଋଣ ନାଆଁରେ
କେତେଥର ଭାବିଲାଣି କିଣି ଆଣିବ ବୋଲି
କଣ ପାଇଁ କେଜାଣି
ଛ' ମାଣ ଆଠ ଗୁଣ୍ଠ ଅନାଏ
ଲୁହ ଡବଡବ ଆଖିରେ
ସାରିଆର ଖୋଲୁ ନ ଥିବା ପାଟି
ମେଲା ହୋଇଯାଏ ଭୟରେ
ସେଇମାନେ ହିଁ ପଛକୁ ଟାଣନ୍ତି
ସେ ଦଣ୍ଡେ ଠିଆ ହୁଏ
ଲୋଭନୀୟ ବିଜ୍ଞାପନକୁ ଅନେଇ
ତା ପରେ ଫେରିଆସେ ଲମ୍ବା ଦୀର୍ଘ ଶ୍ୱାସରେ
ଭାରା ଦେଇ ?

ପୁଣି କେବେ ଶୁଣେ
ଆନ୍ଧ୍ର କି ତାମିଲନାଡୁରେ
ଟଙ୍କା ତିଆରି ହୁଏ ଇଟାଭାଟିରେ
ମନୁଆ ଯାଇଥିଲା ଆର ସନ
ଏବେ ଫେରିଛି
ନୂଆ ମଟରସାଇକେଲ୍ ? ରେ
ତାକୁ ମାଗିଛି ଆଧାର କାର୍ଡ
ଟିକଟ କରି ଏ ଥର ନେଇ ଯିବ ସାଙ୍ଗରେ
କଣ ପାଇଁ କେଜାଣି
ଦବ ବୋଲି ଟ୍ରଙ୍କ ଖୋଲିବା ବେଳକୁ
ହଳଦିଆ ପଡି ଆସିଥିବା
ପୁରୁଣା ପାଉତି ସବୁ
ତା ହାତକୁ ଜାବୁଡ଼ି ଧରନ୍ତି
ଦି' ବର୍ଷ ହେଲା
ସ୍କୁଲ ଯାଉଥିବା ଝିଅର କଥା
ମନ୍ତ୍ର ପରି ଶୁଭେ
ବାପା, ମୁଁ ଏଥର ଫାଷ୍ଟ ହେଇଛି
ତରତରରେ ତାକୁ
ଛାତିରେ ଜାକିନେଲାବେଳକୁ
ଆପେ ଆପେ ଯେମିତି
ଟ୍ରଙ୍କ ବନ୍ଦ ହେଇଯାଇଥାଏ ?

କ୍ଷେତ ଆଉ ଭାତ
ଭାତ ଆଉ କ୍ଷେତ
ତାରି ଭିତରେ ନିଜକୁ ସଜାଡି ନିଏ
ନା ଋଣ ନା ଦାଦନ
କେହି ତାକୁ ଭୁଲେଇ ପାରେ ନା
କି ସେ ଭୁଲିବାକୁ ଚାହେଁ ନା ?

♥ ମୋ-୯୮୬୧୩୨୩୬୫୦

## ଖେଳ
ଶରତ କୁମାର ଦାସ



ଅଖି ଖୋଲିଲେ ଆଲୁଅ
ବନ୍ଦ କଲେ ଅନ୍ଧାର

ଅନ୍ଧାର ଭିତରେ
କଳାଘୋଡାର ଛାଇ ପରି ଅଦୃଶ୍ୟ ମାୟା
ଆଲୁଅ ଭିତରେ
ରହସ୍ୟମୟ ଜୀବଜଗତର ଦୃଶ୍ୟମାନ ଛାୟା

ଯା ଭିତରେ ବି
ଜ୍ଞାନ ଅଜ୍ଞାନର ମହାସମର ଘଟେ
ସଂଘର୍ଷମୟ ମଣିଷଟିର ପ୍ରତିଟି ମୁହୂର୍ତ୍ତ ବିତେ

କେତେବେଳେ କେମିତି
ଶୁଖା ନଈର ଆଁ ପରି ଲାଗେ
ଜୀବନର ସ୍ୱାଦ ତ'
ପୁଣି କେତେବେଳେ ପବିତ୍ର ପ୍ରେମର
ମଲ୍ଲୀଫୁଲିଆ ବାସ୍ନା ପରି

ତଥାପି କାହିଁକି
ଅରଣ୍ୟ ବହଳ ମେଘ ଅନ୍ଧାର ଭିତରେ
ସଫେଦ ଆଲୁଅର ଦୃଶ୍ୟ ଫିକା ପଡି ଆସେ ।

ପ୍ରେମର ନୀଳ ଚଦର ତଳେ
ପୋଡା ଜହ୍ନ ହସିବା ଆଗରୁ
ଶୂନ୍ୟତା ଓ ନିରବତାର ଦୁଲଦୁଲ ଶବ୍ଦରେ
ଅନ୍ଧାରର ଟ୍ରେନ ମାଡି ମାଡି ଆସେ

♥ ପାଲୁର ବଙ୍ଗଳା, ଘର ନମ୍ବର..୨୬
ବ୍ରହ୍ମପୁର
୯୪୩୭୪୨୩୯୮୫

## ସତୀପଣ
ପୁଷ୍ପମ ଯୁଆଡି



ମଝିନଈରେ ଭାସିଯିବା
ବଡ କଥା ନୁହେଁ ଯେ
ନଈ କଥା କହି
ଭସେଇ ଦିଅ ପୁଣି ଲୁହରେ ।

ଦାଗ ଲାଗେ ଚରିତ୍ରରେ
ଦାଗ ଲାଗେ ଜହ୍ନରେ
ଦାଗ ଲାଗେ ପୁରୁଷତ୍ୱରେ
ଦାଗ ଲାଗେ ପୁଣି ନିରୀହ ହୃଦୟରେ
ଶହଶହ ରାତିକୁ
ଅନ୍ଧାରର କାଳ କୋଠରୀରେ
ବନ୍ଦୀ କରିବା ଯଦି ସତୀପଣ
ପ୍ରେମରେ ହଜାରେ ଫୁଲକୁ ଚୁମିବା
ଭଅଁରର ପାଗଳପଣ ହୋଇପାରେ ।

ନିଜକୁ ଭୁଲି ଯିବା ହିଁ
ପୃଥିବୀର ଶ୍ରେଷ୍ଠତମ ମିଥ୍ୟା
ନିଜକୁ ପାଇଯିବା ହିଁ
ଜୀବନର ମୋକ୍ଷ ଆଉ ସତ୍ୟ।

ଯେମିତି ଲୁଚିଯାଏ ବୟସ
ଦର୍ପଣ ଆଗରେ
ଯେମିତି ଗେଣ୍ଡା ଓ କଇଁଛ
ଲୁଚାଇ ଦିଅନ୍ତି ନିଜକୁ
ସେମିତି ଲୁଚେଇ ଦେବନି ତ ଅସତୀପଣ
ଚଉଠି ରାତିର ମୁଲାୟମ୍ ଶେଜରେ ?

♥ ଭୁତିବାହାଲ,ଗାଇସିଲାଟ,ବରଗଡ
ମୋ -୬୩୭୧୪୧୯୩୩୪

# ପ୍ରତ୍ୟେକ ଲୋକଙ୍କ ମୁହଁରେ ଓଡ଼ିଆ ଭାଷା ବ୍ୟବହୃତ ହେଲେ ଭାଷା ଓ ସାହିତ୍ୟର ସଂକଟ ଦୂର ହୋଇପାରିବ : ଡ. ଭରତ ବେହେରା

**ଡ. ଭରତ ବେହେରା ଓଡିଆ କବିତା ଜଗତର ଗୋଟେ ସ୍ୱଚ୍ଛ ଓ ନିଆରା ପଦଚିହ୍ନ । ତାଙ୍କ କବିତାରେ ଥାଏ ଆବେଗ, ଉଦ୍‌ବେଗ, ଆଲୋକ ଓ ଆନନ୍ଦର ଉତ୍ସ । କେବେ ଧୂସର ଆକାଶର ମାୟା ତ କେବେ ଅରୁନ୍ଧତୀ ଆଲୁଅର ଛାୟା ପରି ପାଠକଙ୍କୁ ଆବୋରି ବସେ ତାଙ୍କ କବିତା । କେବଳ କବିତା ନୁହେଁ, ସମକାଳୀନ କବିତାର ଜଣେ ସାର୍ଥକ ଓ ସମର୍ଥ ସମାଲୋଚକ ଭାବେ ସେ ତିଆରି କରିଛନ୍ତି ନିଜର ପରିଚୟ । "ମଣିଷର ମନ ହୃଦୟ ଓ ଚେତନା ତଳର ଗୁଣ୍‌ଗୁଣ୍ ଶବ୍ଦ ହିଁ ସର୍ଜନାର ପ୍ରତୀକ" ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ...**



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ଅକ୍ଷରେ ଡ. ଭରତ ବେହେରା



ନାମ - ଭରତ ବେହେରା
ପିତା : ବାଉରୀ ବେହେରା
ମାତା : ସରସ୍ୱତୀ ବେହେରା
ଜନ୍ମ ସ୍ଥାନ : ସିକିଡିଆ,
ପୋ: କାଣ୍ଡଗରଡି
ଭାୟା : ବାହାନଗା,
ଜି: ବାଲେଶ୍ୱର-୭୫୬୦୪୨
ବର୍ତ୍ତମାନର ଠିକଣା : ଏମ୍‌ଆଇଜି-୨୨, ଗୋପବନ୍ଧୁ ସମବାୟ ନଗର, ଜଗତପୁର, କଟକ-୭୫୪୦୨୧
ମୋ. ୯୪୩୭୫୭୦୧୨୦

**ପ୍ରକାଶିତ କବିତା ପୁସ୍ତକ**

୧. କୁହୁଳା ଭୂଇଁ
୨. ପକ୍ଷ ପରାଗ
୩. ମୌନାବତୀ ମାଟି
୪. ମୁଦ୍ରିତ ମହକ
୫. ଉଲଙ୍ଗ ଉତ୍ପତ୍ତି
୬- ପରାର୍ଥ ପାଦ
୭- ଆବରଣ
୮- ଭରତବର୍ଷ
୯- ବିବାକ ବସୁଧା
୧୦- ନିଃଶବ୍ଦ ନିନାଦ

**ପ୍ରକାଶିତ କବିତା ସମାଲୋଚନା ପୁସ୍ତକ**

୧. କବିତାର କାରୁକାର୍ଯ୍ୟ
୨. ସୃଷ୍ଟି ସୀମାନ୍ତ
୩. କବିତାର ସ୍ୱର ସ୍ୱାକ୍ଷର
୪. ଓଡିଆ କବିତାର ପଞ୍ଚସ୍ୱର
୫. କବିତାର ଶିଳ୍ପ ନୈପୁଣ୍ୟ

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ଗୋଟିଏ ନିର୍ଦ୍ଦିଷ୍ଟ ଦୃଶ୍ୟ କିମ୍ବା ଘଟଣା ହୃଦୟରେ ଯେଉଁ ଉଦ୍‌ବେଳନ ସୃଷ୍ଟି କରିଥାଏ ତାହାର ପ୍ରତିଫଳନ ହିଁ ସର୍ଜନା । ତାହା କବିତା, ଗଳ୍ପ, ଉପନ୍ୟାସ ଓ ନାଟକ ହୋଇପାରେ । ଯୁଗେ ଯୁଗେ ସର୍ଜକ ମାତ୍ରକେ ସମ୍ବେଦନଶୀଳ । ଏହାବିନା ସର୍ଜନା ପରିପୁଷ୍ଟ ହୋଇ ନପାରେ । ଅନ୍ୟ ବିଭାଗ ଠାରୁ କବିତା ସ୍ୱତନ୍ତ୍ର । ଏହା ମଣିଷର ହୃଦୟକୁ ସିଧାସଳଖ ସ୍ପର୍ଶ କରିଥାଏ । ଶ୍ରୋତା ଓ ପାଠକକୁ ଆନମନା କରିଦିଏ । ୧୯୭୨-୭୪ ମସିହାରେ କେନ୍ଦୁଝର ବିଜ୍ଞାନ କଲେଜରେ ଅଧ୍ୟୟନ କରୁଥିବା ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଘଟଣାରୁ ମୋ କବିତାର ଜନ୍ମ । ପ୍ରକୃତରେ କେନ୍ଦୁଝରର ପାଣି ପବନ ମୋ ଅବଚେତନରେ ଯେଉଁ ରେଖାପାତ କରିଥିଲା, ପରବର୍ତ୍ତୀ ସମୟରେ ତାହା କବିତାର ରୂପ ନେଲା । କହିବା ବାହୁଲ୍ୟ କ୍ରୋଧ ଏବଂ କାରୁଣ୍ୟରୁ ଭାରତୀୟ କବିତାର ଉତ୍ପତ୍ତି ।

■ **ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଅବଚେତନର ଆୟତନକୁ ଆକଳନ କରିବା ଏତେ ସହଜ ନୁହେଁ ; ଯାହା ଅସରନ୍ତି ଦୃଶ୍ୟ, ଘଟଣା ଓ ଆକାଂକ୍ଷାର ସଂଗୁପ୍ତ ଭଣ୍ଡାର । ପରବର୍ତ୍ତୀ ସମୟରେ ତାକୁ ଉଖାରି ନିଖାରି ଶବ୍ଦ ରୂପ ଦେଇଥାଏ । ମୋର ଅବଚେତନ ବ୍ୟତୀତ, ଚେତନାରେ ଅପ୍ରମିତ ପୀଡ଼ିତ ମଣିଷଙ୍କ ଥମ୍ ଥମ୍ ମୁହଁ, ଛଳଛଳ ଆଖି, କୋହଭରା ହୃଦୟ ଆତଯାତ ହେଉଥାନ୍ତି । ପୀଡ଼ିତ ମଣିଷଙ୍କ ପ୍ରତି ହେଉଥିବା ଅବିଚାର, ଅପମାନ ଓ ଅନାଦରର ପରିପ୍ରକାଶହିଁ ମୋ କବିତାର ପ୍ରଥମ ଏବଂ ପ୍ରଧାନ ଉତ୍ସ । ମୋର ସେମିତି କେହି ଧରବନ୍ଧା ଗୁରୁ ନାହାନ୍ତି । ପ୍ରକୃତି ଓ ତାର ସନ୍ତାନ ମୋ କବିତାର ନାୟକ ନାୟିକା ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ପ୍ରିୟ ଓ କାହିଁକି ?**

■■ ବର୍ଷ ଥିଲା ୧୯୭୩ ମସିହା ନଭେମ୍ବର ମାସର ଶୀତୁଆ ଅପରାହ୍ନ । ଗୋଟିଏ ଅବିଚାରର ଦୃଶ୍ୟ ମୋ ମନ, ହୃଦୟ ଓ ଚେତନାରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ତା'ର ଫଳଶ୍ରୁତି ସ୍ୱରୂପ ଡ଼ିସେମ୍ବର ମାସ ୧୪ ତାରିଖ ଧନୁ ସଂକ୍ରାନ୍ତିରେ କବିତା ଲେଖିଥିଲି । ତାହାର ଶୀର୍ଷକ ଥିଲା 'ପୌଷ ସଂକ୍ରାନ୍ତିର କବିତା' । ସେ କବିତା କେନ୍ଦୁଝର କଲେଜ କବିତା ପ୍ରତିଯୋଗିତାରେ ପ୍ରଥମ ବିବେଚିତ ହୋଇଥିଲା । ସେହି ବର୍ଷ ସେହି ସଂକ୍ରାନ୍ତି ପରଠାରୁ କବିତା ପ୍ରତି ମୋର ପ୍ରବଣତା ସୃଷ୍ଟି ହେଲା । ଅବଶ୍ୟ ତା' ପୂର୍ବରୁ କଲେଜ ଲାଇବ୍ରେରୀରୁ ବହୁ କବିଙ୍କର କବିତା ବହି ପଢ଼ିବାର ସୁଯୋଗ ପାଇଥିଲି ଏବଂ କବିତା ପ୍ରତି ଅନୁରାଗ ସୃଷ୍ଟି ହୋଇଥିଲା ସେହିଦିନରୁ । ଏଯାବତ୍ ମୋର ୧୦ ଖଣ୍ଡ କବିତା ବହି ଓ ୫ ଖଣ୍ଡ କବିତା ସମାଲୋଚନା ଗ୍ରନ୍ଥ ପ୍ରକାଶିତ । ତନ୍ମଧ୍ୟରୁ 'ଏ ମାଟି ମଉନାବତୀ' କବିତା ବହି ମୋର ଖୁବ୍ ପ୍ରିୟ । କାରଣ ଏଥିରେ ମାଟି ମଣିଷର ପୀଡ଼ା ଓ ପରାସ ଜୀବନ୍ତ ଭାବରେ ପ୍ରକାଶିତ ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଭାବନ୍ତି ?**

■■ ଓଡ଼ିଆ ସାହିତ୍ୟର ପ୍ରତି ବିଭାଗର ସ୍ଥିତି ମନ୍ଦ ନୁହେଁ । ଜୀବନ ଯେମିତି ସୁଖ-ଦୁଃଖ, ଭଲମନ୍ଦ, ହାନିଲାଭ ଓ ହର୍ଷବିଷାଦକୁ ନେଇ ଚଳଚଂଚଳ, ସାହିତ୍ୟ ସେମିତି ମାନକ (ଷ୍ଟାଣ୍ଡାର୍ଡ଼) ଓ ମାନକାଭିମୁଖୀତାକୁ ନେଇ ସଂରଚିତ । ଆଜି କବିତା ଉଭୟ ପରିମାଣ ଓ ଗୁଣ ଦିଗରୁ ବେଶ୍ ସନ୍ତୋଷଜନକ । ତେବେ ମାନକ ସାହିତ୍ୟର ସଂଜ୍ଞା ନିରୂପଣ କରିବା ସହଜ ନୁହେଁ । କବିତାର ଆଙ୍ଗିକ, ଆତ୍ମିକ, ଉପସ୍ଥାପନା ଓ ଗ୍ରହଣୀୟତା କବିତାର ମାନ ନିର୍ଦ୍ଧାରଣ କରିଥାଏ । ଅନ୍ୟ ପକ୍ଷରେ ପ୍ରତ୍ୟେକ ପାଠକର ରୁଚି ଭିନ୍ନ । ସୁତରାଂ ଗୋଟିଏ କବିତା ଯେ ସବୁ ପାଠକଙ୍କୁ ଭଲ ଲାଗିବ, ହଲପ କରି କହିବା ଅସମ୍ଭବ । କବିତାକୁ, ଲେଖାକୁ ସର୍ବଜନାଦୃତ କରିବାର ବାଟ କ'ଣ ? ଏ ଦିଗରେ ପାଠକର ଆଗ୍ରହ, ରୁଚିବୋଧ, ସମୟ, ପେସାର ପ୍ରକୃତି ଓ କର୍ମ ସମୟ ପଠନ ଅନୁକୂଳ ହେବା ଦରକାର । ଦ୍ୱିତୀୟତଃ ହାତ ପାଆନ୍ତାରେ ପୁସ୍ତକ ଉପଲବ୍ଧ ହେବା ଆବଶ୍ୟକ । ବ୍ୟକ୍ତିଗତ ପାଠାଗାର କିମ୍ବା ସାମୂହିକ ପାଠାଗାରର ଉପସ୍ଥିତି ଏକାନ୍ତ କାମ୍ୟ । ସର୍ବୋପରି, ପାଠକର ଜାଣିବା, ଅଧିକ ଜାଣିବା, ନୂଆ ନୂଆ ଜାଣିବାର ଭୋକ ବ୍ୟକ୍ତି ପାଠକକୁ ବ୍ୟତିବ୍ୟସ୍ତ କରିବା ଆବଶ୍ୟକ । ତା'ହେଲେ ପାଠକ ଓ ପଠନର ପରିସର ବ୍ୟାପକ ହେବ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ ? ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଅଧାର କରି କରାଯାଇପାରିବ କି ?**

■■ ଓଡ଼ିଶା ରାଜ୍ୟ ଗଠନର ୯୦ ବର୍ଷ ଅତିକ୍ରାନ୍ତ । ତେବେବି ଓଡ଼ିଆ ଭାଷା ସଂକଟରେ ବୋଲି ଚିତ୍କାର କାହିଁକି ? ଏହା ସ୍ଲୋଗାନ ନୁହେଁତ ? ଭାଷା ଭିତ୍ତିରେ ରାଜ୍ୟ ଗଠନ ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ ଯେଉଁ ତ୍ୟାଗ କରିଥିଲେ ତା'ର ପଟାନ୍ତର ନାହିଁ । ସତରେ ଓଡ଼ିଆ ଭାଷା ସଂକଟରେ ନାହିଁ, ମୋଡ଼ ବଦଳଉଚି । ଓଡ଼ିଆ ଭାଷାର ଧାରଣ କ୍ଷମତା ବିସ୍ତାରିତ ହେଉଛି । ସାହିତ୍ୟ ଲେଖାପଢ଼ା କରି ଭାଷା ସଂକଟ ଦୂର କରାଯାଇ ନପାରେ; ବରଂ ପ୍ରତ୍ୟେକ ଘର ଓ ପ୍ରତ୍ୟେକ ଲୋକଙ୍କ ମୁହଁରେ ଓଡ଼ିଆ ଭାଷା ବ୍ୟବହୃତ ହେଲେ ଭାଷା ଓ ସାହିତ୍ୟର ସଂକଟ ଦୂର ହୋଇପାରିବ ।

■ **କବିତାରେ ଉତ୍ତର ଆଧୁନିକତାକୁ କେମିତି ଦେଖନ୍ତି, ଓଡ଼ିଆ କବିତା ପ୍ରସଙ୍ଗରେ ଏହାକୁ କିପରି ପରିଚର୍ଯ୍ୟା କରିବାକୁ ଚାହିଁବେ ?**

■■ ବସ୍ତୁତଃ ସମୟକୁ ଆଧାର କରି ଯୁଗ ନିର୍ଦ୍ଧାରଣ କରାଯାଇଥାଏ । ଯେମିତି ପ୍ରାଚୀନ, ମଧ୍ୟ ଓ ଆଧୁନିକ । ସେମିତି ଆଧୁନିକ ପରେ ଉତ୍ତର ଆଧୁନିକ । ସମୟ ବଦଳିବା ସହିତ ସର୍ଜକର ଦୃଷ୍ଟି ଭଙ୍ଗୀ, ଘଟଣା ଓ ଦୃଶ୍ୟକୁ ନୂତନ ଦୃଷ୍ଟିରେ ପରିବେଷଣ କରିବା ସହିତ ଅନାଲୋଚିତ ବିଷୟ ଉପରେ ଅଧିକ ବିଶ୍ଳେଷଣ ହେବା ଦରକାର । ସୁତରାଂ ଆଧୁନିକ କବିତାର ଉହାଡ଼ରେ ଯାହା ରହିଯାଇଥିଲା ତାହା ଉତ୍ତର ଆଧୁନିକ କବିତାରେ ସ୍ଥାନିତ ହୋଇ ଆଲୋଡ଼ନ ସୃଷ୍ଟି କଲା ।

■ **ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଭାଷା ଆବିଷ୍କାର ପୂର୍ବରୁ ସାହିତ୍ୟ ଥିଲା । ମଣିଷର ମନ ହୃଦୟ ଓ ଚେତନା ତଳର ଗୁଣ୍‌ଗୁଣ୍ ଶବ୍ଦ ତ ସର୍ଜନାର ପ୍ରତୀକ । ତାହା କବିତା ହୋଇପାରେ, ଗଳ୍ପ ହୋଇପାରେ ବା ଅନ୍ୟ କିଛି ବିଭାଗର ପ୍ରତିନିଧିତ୍ୱ କରିପାରେ । ଏବେ ଭାଷା ବହୁ ପରିମାଣରେ ଉନ୍ନତ ଓ ମାର୍ଜିତ । ସୁତରାଂ ଭାଷା ସାହିତ୍ୟର ଅସ୍ତିତ୍ୱ ସଂପର୍କରେ ଆଶଂକା ପ୍ରକଟ କରିବା ନିରର୍ଥକ । ବରଂ ଭାଷାର ଧାରଣ କ୍ଷମତା ବ୍ୟାପକ ହେବା ଜରୁରି । ନଚେତ୍ ଭାଷାର ପରିଧି ସଂକୀର୍ଣ୍ଣ ହୋଇଯିବ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାର ଗୋଟେ ମାନସିକ ତୃପ୍ତି, ସାମାଜିକ ସମ୍ମାନ, ଏକାଡ଼େମିକ୍ ସ୍ୱୀକୃତି ଓ ପ୍ରେରଣାର ଉତ୍ସ । ଅନ୍ୟ ପକ୍ଷରେ ଏହା ଗଭୀର ଚିନ୍ତାର ବିଷୟ ଏଇଥିପାଇଁ ଯେ, ପୁରସ୍କାର ପ୍ରାପ୍ତି ପରେ ଯଦି ଉନ୍ନତମାନର ଲେଖା ଲେଖିବାର ବିଫଳ ହୁଅନ୍ତି ତେବେ ସ୍ରଷ୍ଟାଙ୍କ ମନରେ ବିଷାଦବୋଧ ସୃଷ୍ଟିହେବା ସ୍ୱାଭାବିକ । ଏମିତି କିଛି ସ୍ରଷ୍ଟା ଅଛନ୍ତି, ପୁରସ୍କାର ପ୍ରାପ୍ତି ପରେ ସର୍ଜନା ସ୍ରୋତ ବନ୍ଦ ହୋଇ ଯାଇଛି । ପରିଶେଷରେ ଏତିକି କହିବିଯେ, ବିଚାର ମୂଲ୍ୟାୟନ ପଦ୍ଧତି, ମାନବୀୟ ଓ ଉଦାରତାରେ ପରିପୂର୍ଣ୍ଣ ହେବା ଆବଶ୍ୟକ । ନଚେତ୍ ସ୍ରଷ୍ଟା କାବ୍ୟିକ ନ୍ୟାୟରୁ ବଂଚିତ ହେବେ । ♥♥



ସମ୍ବର୍ଦ୍ଧିତ ହେବାର ମଧୁର ମୁହୂର୍ତ୍ତ...







ସାହିତ୍ୟ ସଭାରେ ସତୀର୍ଥମାନଙ୍କ ସହ କବି ଡ. ଭରତ ବେହେରା...

# ଶ୍ରୀ ଶ୍ରୀ ଠାକୁରଙ୍କ କନିଷ୍ଠ ପୁତ୍ର ପରମ ପୂଜ୍ୟପାଦ କାଜଲ ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ସତସଙ୍ଗର ପ୍ରତିଷ୍ଠାତା ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ।

ଗତ ୫ କାର୍ତ୍ତିକ ୧୪୩୨, ଇଂରାଜୀ ୨୩.୧୦.୨୦୨୫ ଗୁରୁବାର ସନ୍ଧ୍ୟା ୭.୦୮ ଘଣ୍ଟା ସମୟରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କନିଷ୍ଠ ଆତ୍ମଜ ବିଶିଷ୍ଟ ଚିକିତ୍ସକ ଡାକ୍ତର ପ୍ରଚେତା ରଞ୍ଜନ ଚକ୍ରବର୍ତ୍ତୀ (କାଜଲ ଦା') କଲିକତାର ଏପୋଲୋ ହସ୍ପିଟାଲରେ ଇହଲୋକ ତ୍ୟାଗ କରି ବ୍ରହ୍ମଲୀନ ହୋଇଛନ୍ତି। ପୂଜ୍ୟପାଦ କାଜଲ ଦା' ପୂର୍ବବଙ୍ଗ, ବର୍ତ୍ତମାନ ବାଙ୍ଗଲାଦେଶର ପାବନା ଜିଲ୍ଲାର ହିମାୟିତପୁର ଗ୍ରାମରେ ତା.୧୧.୧୦.୧୯୩୯ରେ କୃଷ୍ଣ ତ୍ରୟୋଦଶୀ ତିଥିରେ ମଙ୍ଗଳବାର ରାତ୍ରି ୧୧.୦୮ ମିନିଟରେ ଜନ୍ମ ଗ୍ରହଣ କରିଥିଲେ। ସତସଙ୍ଗ ଜଗତରେ ଜଣେ ବିଶିଷ୍ଟ ସାଧକ, ପ୍ରେମୀ ଓ ପ୍ରକୃଷ୍ଟ ଚେତନା ପ୍ରଦାନକାରୀ ବ୍ରହ୍ମତନୁ ହିସାବରେ ତାଙ୍କର ଅନବଦ୍ୟ ଅବଦାନ ରହିଛି। ତାଙ୍କର ପାର୍ଥିବ ଶରୀରକୁ ଦେଓଘର 'ସତସଙ୍ଗ' ମୁଖ୍ୟ ଆଶ୍ରମରେ ଅଗ୍ନିରେ ସମର୍ପଣ କରିଥିଲେ ତାଙ୍କର କନ୍ୟା ଶ୍ରୀମତୀ ପୂଜ୍ୟନୀୟା ଜୀବନଦ୍ୟୁତି ଭଟ୍ଟାଚାର୍ଯ୍ୟ। ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କନିଷ୍ଠ ଆତ୍ମଜ ବିଷୟରେ ଭକ୍ତମାନଙ୍କୁ ସୂଚାଇ କହିଛନ୍ତି 'କାଜଲ ନେତାର ତୂର୍ଯ୍ୟଧ୍ୱନୀ, ବିଶ୍ୱେ ଆଣିଲା ଦିଗ୍‌ବିଜୟ, ଆଣିଲା ଶୌର୍ଯ୍ୟ ପରିପୂର୍ଣ୍ଣତା, ଦୀପ୍ତ ବୀର୍ଯ୍ୟେ ଧ୍ୱଂସୀ କ୍ଷୟ।। ପରମ ପୁରୁଷ କାଜଲ ରାଜା। ସାରା ଦୁନିୟାକୁ କରିବ ତାଜା।। କାଜଲ ରାଜା ହିଁ ଶକ୍ତିମାନ, ଭବ ମୁକ୍ତ ତରୀ ମହାନ ପ୍ରାଣ।। କାଜଲ ରାଜା ହିଁ ରାଜୀବ ଲୋଚନ, ପରମପିତାଙ୍କ 'ରା' ତୁଲ ଚରଣ।।'

**ପ୍ରଫେସର୍ ଡାକ୍ତର୍ ଉମେଶ ଚନ୍ଦ୍ର ପାତ୍ର**

ଜଣେ ବିଶିଷ୍ଟ ଚିକିତ୍ସକ ହିସାବରେ କାଜଲ ଦା' ଆନ୍ତର୍ଜାତିକ ସ୍ତରର ଜଣେ ସୁନାମଧନ୍ୟ ପ୍ଲାଷ୍ଟିକ ସର୍ଜନ ବିଶେଷଜ୍ଞ ଥିଲେ ଏବଂ ଭାରତୀୟ ସର୍ଜନ ସଂଘର ଆଜୀବନ ସଦସ୍ୟ ତଥା ଭାରତୀୟ ପ୍ଲାଷ୍ଟିକ ସର୍ଜରୀ ସଂଗଠନ ପ୍ରତିଷ୍ଠାର ସଦସ୍ୟ ରହିଥିଲେ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଅସହାୟ, ଦୀନ ଦୁଃଖିଙ୍କ ସ୍ୱାସ୍ଥ୍ୟ ସେବା ନିମିତ୍ତ ଗଠିତ ଦାତବ୍ୟ ଚିକିତ୍ସାଳୟ




ବୋର୍ଡ଼ର ପରିଚାଳକ ଭାବେ ସେ ଆଜୀବନ ଜନସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ପରମା ଆରାଧ୍ୟା ଶ୍ରୀ ଶ୍ରୀ ଛୋଟ ମାଆ ଭାବେ ପରିଚିତ ପୂଜନୀୟା ସର୍ବମଙ୍ଗଳା ଦେବୀଙ୍କ ସୁପୁତ୍ର ପରମ ପୂଜ୍ୟପାଦ କାଜଲ ଦା'ଙ୍କ ସହଧର୍ମିଣୀ ଥିଲେ ପୂଜନୀୟା ଲକ୍ଷ୍ମୀମଣୀ ଦେବୀ। ତାଙ୍କର ଜ୍ୟେଷ୍ଠା କନ୍ୟା ହେଉଛନ୍ତି ପୂଜନୀୟା ଜୀବନଦ୍ୟୁତି ଭଟ୍ଟାଚାର୍ଯ୍ୟ ଓ ପୁତ୍ର ପୂଜନୀୟ ଅନନ୍ୟ ଚକ୍ରବର୍ତ୍ତୀ ପିତାଙ୍କ ପଦାନୁସରଣ କରି ନିଜ ଜୀବନକୁ ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ ପ୍ରଚାର ଓ ସେବାରେ ଅତିବାହିତ କରି ସମଗ୍ର ମାନବ ସମାଜକୁ ଦିଗ ଦର୍ଶନ ଦେଉଛନ୍ତି। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳାମାହାତ୍ମ୍ୟ ଓ ସଦ୍ ଦୀକ୍ଷା ତଥା ଜୀବନ ଚରିତର ଶିକ୍ଷା ନିମିତ୍ତ ପୂଜ୍ୟପାଦ କାଜଲ ଦା'ଙ୍କର ଅନବଦ୍ୟ ସୃଷ୍ଟି ଗୁଡ଼ିକ ହେଉଛି 'ମନର କଥା', 'ଧାରଣ ଓ ପ୍ରାପ୍ତି', 'ରେତଃ ଉତ୍ସର୍ଜନାରେ ସତ୍ୟାନୁସରଣ', 'ମାନସ ପରିକ୍ରମା' 'ଉସମ୍ଭବ ଗରଭସ୍ଥର', ଓ 'ଭୟ ଏବଂ ଭାଲବାସା'।

ଯୁଗପୁରୁଷ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଉଦାତ୍ତ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ ସ୍ଫୁରିତ ଇନ୍ଦୁ ସ୍ମିତ ଢ଼ଳ ଢ଼ଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ ତୁଙ୍ଗ ଧବଳ କିରୀଟିନୀ, ଅଯୁତ ରଶ୍ମି ଦୀପ୍ତ କେନ୍ଦ୍ର ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସତ୍ତା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।

♥ ପ୍ରତିରଦ୍ଧିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭

## ବହୁମତ — ପୂଜା ପତ୍ରିକା ସମୀକ୍ଷା




**ପରାଗ**
ସମ୍ପାଦକ :
ବନମାଳୀ ସେନାପତି
ଠିକଣା : ଆଳି, କେନ୍ଦ୍ରାପଡା
(ମୋ) ୯୪୩୭୨୭୬୨୨୬
ପୃଷ୍ଠା-୪୧୨, ମୂଲ୍ୟ : ୨୨୦/-

"ଚାରିଆଡେ ପାର୍ବଣର ମାହୋଲ । ମା' ମହିଷାମର୍ଦ୍ଦିନୀ, ଜଗତ ଜନନୀ, ଜଗଦମ୍ବା ଦୁର୍ଗାଙ୍କର ଧରାବତରଣ । ବିଭିନ୍ନ ସହର, ଗ୍ରାମ, ଗଳିକନ୍ଦିରେ, ମା'ଙ୍କର ମୃଣ୍ମୟ ମୂର୍ତ୍ତିପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଗୋଟିଏ ମେଢ ପାଖରେ ପେଣ୍ଡାଏ ଓ ସାଜସଜାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ମା'ଙ୍କୁ ପୂଜା କରି ଗରିବ ଲୋକଟି ଆଶୀର୍ବାଦ ମାଗୁଛି । ବିକଳ ସେ କହୁଛି ତା' ପରିବାର ପ୍ରତିପୋଷଣ କଥା, ଯାହା ପ୍ରତ୍ୟେକ ପରିବାର ପାଇଁ ଆବଶ୍ୟକ । ଧନୀ ମଧ ଦର୍ଶନ କରୁଛି ମା'ଙ୍କର ମୂର୍ତ୍ତି । ସେ ବି ମାଗୁଛି ମୋତେ ଅଧିକ ଧନଧାନ୍ୟରେ ଭରିଦେ ମା' । ମୁଁ ସମାଜରେ ସମସ୍ତଙ୍କ ଠାରୁ ଅଧିକ ଧନୀ ହୋଇଯାଏ । ମୋର ଅଖଣ୍ଡ ପ୍ରଭାବ ପ୍ରତିଷ୍ଠିତ ହେଉ ।"

ମଣିଷର ଲୋଭ ଓ ଏହାର ପରିଣତିକୁ ନେଇ ଗୋଟିଏ ଗଳ୍ପ ମାଧ୍ୟମରେ ସମ୍ପାଦକ ବନମାଳୀ ସେନାପତି ବାଢ଼ିଛନ୍ତି ଗୋଟେ ମାର୍ମିକ କାହାଣୀ, ଯାହା ପୂଜାସଂଖ୍ୟା 'ପରାଗ'ର ଗାମ୍ଭୀର୍ଯ୍ୟକୁ କରୁଛି ପ୍ରତିପାଦିତ ।

ଦୀର୍ଘ ୪୩ ବର୍ଷ ଧରି ନିୟମିତ କେନ୍ଦ୍ରାପଡା, ଆଳିରୁ ପ୍ରକାଶ ପ୍ରକାଶ ପାଇ ଆସୁଥିବା ବେଳେ ଏହାର ପୂଜାସଂଖ୍ୟାଟି ସବୁଥର ପରି ସୁଦୃଶ୍ୟ କଳେବରରେ ପ୍ରକାଶିତ ହୋଇଛି । ଏଥିରେ ଗଳ୍ପ ଗବାକ୍ଷ : ପ୍ରଥମ ପର୍ବରେ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, କ୍ଷୀରୋଦ ଦାସ, ନିବାରଣ ଜେନା, ସୁନୀଲ ମିଶ୍ର'ମୈତ୍ରେୟ', ଅଜୟ ମହାପାତ୍ର, ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ଡ. ରଘୁନାଥ ଶତପଥୀ, ଅନ୍ନପୂର୍ଣ୍ଣା ମହାନ୍ତି, ଚନ୍ଦ୍ରମୋହନ ମହାପାତ୍ରଙ୍କ ଲେଖା ପ୍ରକାଶିତ ହୋଇଥିବା ବେଳେ ଦ୍ୱିତୀୟ ପର୍ବରେ ବିରଜା ରାଉତରାୟ, କବିତା ବାରିକ, ଡ. ଶ୍ରୀକାନ୍ତ ଦାସ, ସୀମାଂଚଳ ଦାଶ, ବିପ୍ଳବ ରଂଜନ ପତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପ୍ରତାପ ବିଶ୍ୱାଳ, ଦିଲ୍ଲୀପ କୁମାର ସାହାଣୀ ପ୍ରମୁଖଙ୍କ ଗଳ୍ପ ପ୍ରକାଶ ପାଇଛି । ଗଳ୍ପ ଗବାକ୍ଷ : ତୃତୀୟ ପର୍ବରେ ଭାସ୍କର ଜେନା, ଡ. ତ୍ରିନାଥ ପଟ୍ଟନାୟକ, ଶୈବାଳିନୀ ସାହୁ, ସୁବ୍ରତା ଦର୍ଶନୀ ବେହେରା, ବିଭୂ ହୋତା, ସନ୍ନିଭା ମିଶ୍ର ଦାଶ, ସଚ୍ଚିଦାନନ୍ଦ କର, ଲିଜା ଦାସ ପଟ୍ଟନାୟକ, ଦେବଜ୍ୟୋତି ଅବିନାଶ ଇନ୍ଦ୍ରଜିତ, ରାଜୀବ ଗୋପାଳ ସ୍ୱାଇଁ ଓ କମଳିନୀ ମଲ୍ଲିକଙ୍କ ଗଳ୍ପ ସ୍ଥାନ ପାଇଛି । ଅନୁବାଦ ଗଳ୍ପ କ୍ରମରେ ବିଜୟ କୁମାର ପ୍ରଧାନ, ଦୀପିକା ସେନାପତିଙ୍କ ଅନୁବାଦ ଗଳ୍ପ ଅତ୍ୟନ୍ତ ଉପାଦେୟ ।

'କବିତା' କ୍ରମରେ କବି ସର୍ବଶ୍ରୀ ସୌଭାଗ୍ୟବନ୍ତ ମହାରଣା, କମଳ କୁମାର ମହାନ୍ତି, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଡ. ନୀଳମଣି ପରିଡା, କୈକୁଣ୍ଠନାଥ ସାହୁ, ରବି ଶତପଥୀ, ପୀତାମ୍ବର ତରାଇ, ପିନାକୀ ମିଶ୍ର, ସୈରିନ୍ଧ୍ରୀ ସାହୁ, ଡ. କାଳୀପଦ ପଣ୍ଡା, ଖଗେଶ୍ୱର ମହତାବ, ଡ. ରମାକାନ୍ତ ଜେନା, ସ୍ୱୟଂପ୍ରଭା ରଥ, ଶ୍ରୀଧର ସାମଲ, ସିଦ୍ଧେଶ୍ୱର ପଣ୍ଡା, ଯୋଗେନ୍ଦ୍ର ପଣ୍ଡା, ରେହିତ କୁମାର ଦାଶ, ଡ. ମମତା ସାହୁ, ଡା. ଦୀନବନ୍ଧୁ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ, ଡ. ଅନୀଲ ନନ୍ଦ, ସୁଧୀର ମେହେର, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବୃନ୍ଦାବନ ଦାଶ, ଭଗବାନ ସାହୁ, ଐଶ୍ୱର୍ଯ୍ୟା ପ୍ରଧାନ, ନିହାରିକା ରଥ, ଲାବଣ୍ୟ ନାୟକ, ଅନିତା ରାୟ, ସଦାଶିବ ଦାଶ, ଶ୍ୱେତା ରାଉତ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ଯୋଗେଶ ଦାଶ, ପଲ୍ଲବୀ ଦାସ, ରାମଚନ୍ଦ୍ର ଦାଶ, ସିପୁନୁ ଜେନା, ବିଦ୍ୟୁତଲତା ଭୂୟାଁ, ଡ. ଲକ୍ଷ୍ମୀକାନ୍ତ ପାଢୀ, ଉମାକାନ୍ତ ରାଉତ, ପୁଷ୍ପାଂଜଳି ପଣ୍ଡା ପ୍ରମୁଖଙ୍କ କବିତା ପ୍ରକାଶ ପାଇଥିବା ବେଳେ ଡ. ଶତୃଘ୍ନ ପାଣ୍ଡବ, ଡ. ଦିଲ୍ଲୀପ କୁମାର ସ୍ୱାଇଁ ଓ ବିଭୂତି ଭୂଷଣ ସେନାପତିଙ୍କ ଉଚ୍ଚକୋଟୀର ପ୍ରବନ୍ଧ ସ୍ଥାନିତ ହୋଇଥିବା ବେଳେ ନିରାକାର ଦାସଙ୍କ 'ମୋ ଜୀବନ ମୋ ସାହିତ୍ୟ' ବିଭାଗଟି ବେଶ୍ ଆକର୍ଷଣୀୟ ।

ମୋଟାମୋଟି ଭାବରେ କହିବାକୁ ଗଲେ ସୁନିର୍ବାଚିତ ଲେଖା, ପରିଚ୍ଛନ୍ନ ପରିପାଟୀକୁ ନେଇ ସମୃଦ୍ଧ ହୋଇଛି 'ପରାଗ'ର ଶାରଦୀୟ ସଂଖ୍ୟା । ୧/୮ ସାଇଜର ଏହି ପତ୍ରିକାଟି ପୂର୍ବ ଗରିମା ବଜାୟ ରଖିବାରେ ସଫଳ ହୋଇଛି, ତେଣୁ ସଂପାଦକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

**ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ**

## ମନଗହନର କଥା...



ସମୟ କହିଲେ ଏକ ଅସୀମ ବ୍ୟାପ୍ତିକୁ ବୁଝାଯାଏ । ମଣିଷ ଜୀବନର ସୀମା ଥାଏ ବୋଲି ସେ ସସୀମ । ଆମକୁ ସ୍ୱୀକାର କରିବାକୁ ହେବ ଯେ ସସୀମର ସ୍ଥିତି ଥିଲେ ମଧ, କଳ୍ପନାରେ ଏବଂ ଅନୁଭବରେ ଅସୀମର ସୀମା ନିର୍ଦ୍ଧାରଣ କରାଯାଏ । ଏ ସଂସାର ବଡ଼ ବିଚିତ୍ର, ଅନନ୍ତ ସୃଷ୍ଟିରେ ଅପରିମିତ ସମୟର ବୃତ୍ତ ଚକ୍ରାକାରରେ ଗତି କରୁଛି । "ସମୟର ଶେଷଯାଏଁ" ମାୟା ମଞ୍ଚରେ ତଥାପି ଅଭିନୟ ସରୁନଥାଏ । ଜୀବନ ଅନନ୍ତ ପଥର ଯାତ୍ରୀ । ଅମୃତମୟ ଜୀବନର ବହୁ ଘଟଣା ଘଟି ଚାଲିଥାଏ । ଅନେକ ବାଧା ବନ୍ଧନ ଭିତରେ ମଣିଷକୁ ଏକାକୀ ବଞ୍ଚିବାକୁ ପଡ଼ିଥାଏ । ଅନେକ ଦୃଶ୍ୟ ଅଦୃଶ୍ୟର ଅନୁଭବ ଭିତରେ ସବୁ ଗୁଡ଼ିକ ଧରି ହୁଏନି କି ସବୁକିଛି ପୂର୍ଣ୍ଣ ଥିଲା ବେଳେ ଈଶ୍ୱରଙ୍କ ବିନା ଜୀବନ ଲାଗେ ଶୂନ୍ୟଶୂନ୍ୟ! ଏସବୁ ସତ୍ତ୍ୱେ ବି ଦୁଃଖ ଭିତରୁ କେବେ କେବେ ଝରିଆସେ ସୁଖର ଝରଣା । ଏଭଳି ବିଶ୍ୱାସ ଟିକକ ବଞ୍ଚିବା ପାଇଁ ଏକାନ୍ତ ଲୋଡ଼ା ହୋଇଥାଏ । ପ୍ରେମର ମଣିଷ ଦିନେ ନା ଦିନେ ପହଞ୍ଚିବ ନୂଆ ଏକ ଗୀତର ଋତୁ ହୋଇ ଓ ପ୍ରେମ ପକ୍ଷୀର ଡେଣାରେ ଖେଳିବୁଲିବ ଆତ୍ମା ସାରା ସାରା ଆକାଶରେ । କବିଦୃଷ୍ଟିରେ ଦେଖିଥିବା ଯେତେ ଦୃଶ୍ୟ ଅଦୃଶ୍ୟର ଦୃଶ୍ୟ ଯାହାକି ଅନୁଭବ ହିଁ ମୋର କବିତା । ସମଗ୍ର ଜଗତ ସାରା ଆକାଶ ଓ ପ୍ରକୃତି ଭିତରେ ଜୀବନର ସ୍ଥିତି, ମଣିଷର ଅବସ୍ଥିତି ଓ ମାନବୀୟ ଅଭିଜ୍ଞତା ଭିତରେ ଈଶ୍ୱର ଓ ସୃଷ୍ଟି ସମୟର ରହସ୍ୟକୁ ଖୋଜିହେଉଥିବା ମଣିଷଟି କବି । ସମ୍ପର୍କର ଜାଲ ଭିତରେ .. କେବେ ପୁଣି ଅନ୍ଧାରର ଢେଉ କାଟି ଆଲୋକର ସ୍ପର୍ଶରେ ପ୍ରେମର ହୁଲି ଡଙ୍ଗାଟିଏ ହୋଇ ଏକାକୀ ସମୟର ସ୍ରୋତରେ ମଣିଷ ଜୀବନ ସୂର୍ଯ୍ୟାସ୍ତ ଆଡ଼କୁ ଗତି କରୁଥାଏ । ଜୀବନର ସମୟର ଶେଷ ଯାଏଁ ସବୁ ମାୟା ମୋହ ଛାଡ଼ି ସମୟ ଚକ୍ରର ଅସୀମତା ଭିତରେ ସୀମିତ ମଣିଷ ବଭିନ୍ନ ଅବସ୍ଥାରେ ଚଳପ୍ରଚଳ ହେଉଥାଏ । ସେଇଥି ପାଇଁ ତ ମାଟି ମନସ୍କ କବି ପାଇଁ ମାଟି , ମାଆ , ଘର ଆଶା ଆଶ୍ୱସନାର ନିର୍ଭୟ ଆଶ୍ରୟ ପାଲଟିଯାଏ । ନାଟକ ଶେଷ ନ ହେବା ଯାଏଁ ମାୟା ମଞ୍ଚରେ ରଙ୍ଗମାଖି ସୁଖ ଦୁଃଖ , ପ୍ରେମ ସ୍ୱପ୍ନ, ପାପ ପୂଣ୍ୟ, ମିଳନ ବିଚ୍ଛେଦ, ଶୃଙ୍ଗାର ବୈରାଗ୍ୟ, ଅସହାୟତା ଇତ୍ୟାଦିକୁ ଅନୁଭବ କରୁଥାଏ ବିଚିତ୍ର କବିଟିଏ ।

**- ସିଦ୍ଧେଶ୍ୱର ପଣ୍ଡା**

♥ ନମକନା, ରେଳା, ବାଲିଆପାଳ
ଜଳେଶ୍ୱର - ୭୫୬୦୨୬
(ମୋ) ୯୧୭୮୧୫୩୯୬

ସମୟର ଶେଷ ଯାଏଁ (କବିତା ସଂକଳନ)ର ମୁଖବନ୍ଧରେ ପ୍ରକାଶିତ...

## ମନୁଷ୍ୟତ୍ୱର ମନ୍ଦିର ନିର୍ମାଣ: ଶିକ୍ଷା ଓ ଚରିତ୍ରର ଅଲିଭା ଛାପ



**ସ୍ୱାଗତିନୀ ମହାପାତ୍ର**

ବିସ୍ତୀର୍ଣ୍ଣ ପୃଥିବୀର ଏହି ରଙ୍ଗମଞ୍ଚରେ ମନୁଷ୍ୟ ଏକ ବିରଳ ନାଟକର ମୁଖ୍ୟ ଚରିତ୍ର। ସେ ଅନ୍ୟ ସମସ୍ତ ପ୍ରାଣୀକୂଳଠାରୁ ଭିନ୍ନ। ଅନ୍ୟମାନେ ପ୍ରକୃତିର ନିର୍ଦ୍ଦେଶକୁ ଅନୁସରଣ କରୁଥିବାବେଳେ, ମନୁଷ୍ୟ କେବଳ ଭାଗ୍ୟର ଦାସ ନୁହେଁ, ସେ ନିଜ ନିର୍ମାଣର ସ୍ଥପତି। ଅନ୍ୟ ପ୍ରାଣୀମାନେ ନିଜର ଶବ୍ଦ ଓ ଆଚରଣରେ ସୀମିତ, ଯେପରି ଗୋଟିଏ ନିର୍ଦ୍ଦିଷ୍ଟ ଶିରା ମଧରେ ବହିଯାଉଥିବା ନଦୀ। କିନ୍ତୁ ମଣିଷର କଣ୍ଠରେ ସାରା ସଂସାରର ଉଚ୍ଚାରଣକୁ ଧାରଣ କରିବାର ଦକ୍ଷତା ରହିଛି। ସେ ଶୁକର ଅନୁକରଣରେ ମିଠା କଥା କହିପାରେ ଏବଂ ମାଙ୍କଡର ଧ୍ୱନିରେ କୌତୁକ ସୃଷ୍ଟି କରିପାରେ, ମାତ୍ର ମାଙ୍କଡ କେବେହେଲେ ମଣିଷର ଜଟିଳ ଭାଷାରେ ହୃଦୟର ଭାବନା ପ୍ରକାଶ କରିପାରିବ ନାହିଁ। ଏହି ଦକ୍ଷତା ମଣିଷକୁ ଏକ 'ଶିକ୍ଷାର କୋଷାଧକ୍ଷ'ର ସ୍ଥାନ ଦେଇଛି, ଯିଏ ନିଜର ଚେତନା ବଳରେ ସର୍ବଶ୍ରେଷ୍ଠ ପ୍ରାଣୀର ଗୌରବ ଅର୍ଜନ କରିଛି।

ମନୁଷ୍ୟର ଶ୍ରେଷ୍ଠତା କେବଳ ତା'ର ଶାରୀରିକ ସାମର୍ଥ୍ୟ କିମ୍ବା ବୁଦ୍ଧିର ତୀକ୍ଷ୍ଣତାରେ ନାହିଁ, ବରଂ ତାହା ତା'ର 'ଅନ୍ତର୍ନିହିତ ମଣିଷପଣିଆ'ର ବିକାଶ କରିବାରେ ଅଛି। ଏହି ଦିବ୍ୟ ଶକ୍ତି ହେଉଛି ତା'ର 'ମନୁଷ୍ୟତ୍ୱ' – ଏକ ସୁନ୍ଦର ବଗିଚା, ଯାହାକୁ ଯତ୍ନ କରିବାକୁ ପଡ଼େ, ନିଜକୁ ନିଜେ ଶିକ୍ଷା ଦେବାକୁ ପଡ଼େ। ଏହି ପୃଥିବୀରେ ସମସ୍ତ ପ୍ରାଣୀ ଜନ୍ମରୁ ହିଁ ସେମାନଙ୍କର ସମ୍ପୂର୍ଣ୍ଣ ସ୍ୱରୂପକୁ ପ୍ରକାଶ କରିଥାନ୍ତି, କିନ୍ତୁ ମନୁଷ୍ୟ ଏକମାତ୍ର ପ୍ରାଣୀ, ଯାହାକୁ ମଣିଷ ହେବା ପାଇଁ ଶିଖିବାକୁ ପଡ଼ିଥାଏ। ତେଣୁ, ଏହି ଗଭୀର ସତ୍ୟ ପ୍ରକାଶ ପାଏ:

'ଜନ୍ତୁତ୍ୱ ଏକ ପ୍ରସ୍ତୁତ ଘର; ମନୁଷ୍ୟତ୍ୱ ଏକ ଚିରନ୍ତନ ନିର୍ମାଣାଧୀନ ମନ୍ଦିର।'

ପଶୁମାନଙ୍କର ଜୀବନ ଏକ ସମାପ୍ତ ଅଧ୍ୟାୟ ପରି, କିନ୍ତୁ ମନୁଷ୍ୟର ଅସ୍ତିତ୍ୱ ପ୍ରତିଦିନର ଏକ ନୂତନ ସୃଜନ। ଜଣେ ବ୍ୟକ୍ତିର ମୂଲ୍ୟ କେବଳ ତା'ର ଜନ୍ମଦ୍ୱାରା ନିର୍ଦ୍ଧାରିତ ହୁଏ ନାହିଁ, ବରଂ ତା'ର ଶିକ୍ଷା, ସଂସ୍କାର ଏବଂ ସାମାଜିକ ଅବଦାନ ଦ୍ୱାରା ନିରୂପିତ ହୁଏ। ଏହି କାରଣରୁ ହିଁ ମାନବ ଆଚରଣକୁ ଏତେ ମହତ୍ତ୍ୱ ଦିଆଯାଏ। ଏହା ରକ୍ତରେ ନୁହେଁ, ବିବେକରେ ଗଢ଼ା:

'ପଶୁର ଆଚରଣ ତାର ରକ୍ତରେ ଲେଖା, ମଣିଷର ଆଚରଣ ତା'ର ଶିକ୍ଷାରେ ଗଢ଼ା ଯାଇଥିବା ଏକ ଶାଳଗ୍ରାମ।'

ଏହି ଶାଳଗ୍ରାମ ରୂପକ ଚରିତ୍ରକୁ ସୁଦୃଢ଼ କରିବା ପାଇଁ ମନୁଷ୍ୟର ଜ୍ଞାନ ଓ ବୁଝାମଣା ଆବଶ୍ୟକ। ଏହାଠାରୁ ବଡ଼ ସତ୍ୟ ହେଉଛି ଯେ, ମନୁଷ୍ୟ ହିଁ ସେହି ବିରଳ ପ୍ରାଣୀ ଯିଏ ନିଜର ଚରିତ୍ର ବଳରେ ଉଭୟ 'ଚିତ୍ର' (ସୃଜନ) ଓ 'ଚରିତ୍ର' (ଆଦର୍ଶ)ର ଚିରସ୍ଥାୟୀ ଛାପ ଛାଡ଼ିଯାଇପାରେ। ଅନ୍ୟ କୌଣସି ଜୀବ ନିଜର ବଞ୍ଚିବା ସରିଯିବା ପରେ କୌଣସି ସଭ୍ୟତା ବା ଚିରନ୍ତନ ଜ୍ଞାନର ସ୍ମାରକୀ ଛାଡ଼ିଯାଆନ୍ତି ନାହିଁ। ମଣିଷର ସ୍ଥାପତ୍ୟ, ତା'ର ଲିଖିତ ଗ୍ରନ୍ଥ, ତା'ର ଆବିଷ୍କାର ସବୁ ହେଉଛି ତାର ଚିତ୍ରର ପ୍ରମାଣ। ସେହିପରି, ମହାପୁରୁଷମାନଙ୍କର ନୈତିକ ଆଦର୍ଶ, ତ୍ୟାଗ ଓ ସାହସିକତା ତାଙ୍କ ମୃତ୍ୟୁ ପରେ ବି ପିଢ଼ି ପରେ ପିଢ଼ିକୁ ଆଲୋକିତ କରିଥାଏ, ଯାହା ହେଉଛି ତା'ର ଚରିତ୍ରର ଛାପ। ଏହି ବିଶେଷତ୍ୱ ହିଁ ତାକୁ 'ଇତିହାସର ଲେଖକ'ର ଭୂମିକା ପ୍ରଦାନ କରେ। ଏହି ସବୁ ଯୋଗ୍ୟତା ମନୁଷ୍ୟର ମନୁଷ୍ୟତ୍ୱ ବିକାଶ ଦିଗରେ ଏକ 'ଶକ୍ତିଶାଳୀ ମାଧ୍ୟମ' ସାଜିଥାଏ। ପୃଥିବୀର ଅନ୍ୟ ସବୁ ଜୀବନ କେବଳ ଜୀବବିଜ୍ଞାନର ସାଧାରଣ ନିୟମକୁ ଅନୁସରଣ କରନ୍ତି, ମାତ୍ର ମଣିଷ ତା'ର ବୁଦ୍ଧି ବଳରେ ସେହି ନିୟମର ମୂଳକୁ ଖୋଜେ। ଏହି ଭୂମିକା ହିଁ ତାକୁ ସମସ୍ତ ଜୀବଙ୍କ ଠାରୁ ଶ୍ରେଷ୍ଠତ୍ୱ ପ୍ରଦାନ କରେ:

'ପୃଥିବୀର ଅନ୍ୟ ଜୀବସମୂହ ମୌନ ପାଠ୍ୟପୁସ୍ତକ, ମାତ୍ର ମଣିଷ ସେହି ଗ୍ରନ୍ଥର ଜୀବନ୍ତ ଉଦ୍ଭାବକ।'

ତେଣୁ, ମନୁଷ୍ୟ ହିଁ ଏକମାତ୍ର ପ୍ରାଣୀ, ଯାହାକୁ ମନୁଷ୍ୟ ହେବାର ଶିକ୍ଷା ଦିଆଯାଏ। ଏହି ଶିକ୍ଷା ହିଁ ତାକୁ ତା'ର ପଶୁତ୍ୱରୁ ଊର୍ଦ୍ଧ୍ୱକୁ ଉଠାଇ 'ଦେବତ୍ୱ'ର ସୀମା ପର୍ଯ୍ୟନ୍ତ ନେଇଯାଏ ଏବଂ ଚିରକାଳ ପାଇଁ ସଭ୍ୟତାରେ ନିଜର ଅଲିଭା ସ୍ୱାକ୍ଷର ଛାଡ଼ିବାର କ୍ଷମତା ଦେଇଥାଏ। ଏହା ହିଁ ମାନବ ସତ୍ତାର ପ୍ରକୃତ ଗୌରବ ଓ ଶ୍ରେଷ୍ଠତାର ମର୍ମ।

♥ ନୂଆଗାଁ, ବାଲିକୁଦା, ଜଗତସିଂହପୁର

## ହିନ୍ଦୁ ପ୍ରଥାରେ ଶବ ଦାହ ସତ୍କାର ପ୍ରାଧାନ୍ୟ କାହିଁକି ରହିଛି ?



**ଅଜୟ କୁମାର ବେହେରା**

ପୃଥିବୀର କ୍ଷେତ୍ର ଆଡ଼ ବା ଦୀର୍ଘରେ ବଢ଼ିବା ସମ୍ଭବ ନୁହେଁ, କ୍ଷେତ୍ରଫଳ, ଯେତିକି ସେତିକି, ଏହା ସମସ୍ତେ ଭିନ୍ନମନା ନଥିଲେ ବୁଝି ପାରୁଥିବେ। ବିରାଟ କ୍ଷେତ୍ରରେ ସର୍ବତ୍ର ଏକା ପରି ଭୂମିନାହିଁ, ଗଛଲତା, ପାହାଡ଼ ପର୍ବତ ନଦୀ ପର୍ବତ ପାହାଡ଼ ଭିନ୍ନ ସ୍ଥାନରେ ରହିଛି, ଏପରି ଅନେକ ଜୀବଜନ୍ତୁ ପକ୍ଷୀ ପତଙ୍ଗ କୀଟ ଜୀବାଣୁ ଏମିତି ବିଭିନ୍ନ ସ୍ଥାନରେ ଦେଖି ଯାଆନ୍ତି, ଏହାମଧ୍ୟରେ ମାନବ ବସତି ମାନ ଗଢ଼ି ଉଠିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏଇ ଜନ ବସତି ଗୁଡ଼ିକ ଭିନ୍ନ ଭିନ୍ନ ଦେଶ ପ୍ରଦେଶ ଜିଲ୍ଲା ତହସିଲ, ଥାନା, ପଞ୍ଚାୟତ ଗ୍ରାମ ସାହି ଓ ସହର ମୁନିସିପାଲଟି ୱାର୍ଡ଼ ଆଦିରେ ଜନବସତି ବର୍ଦ୍ଧିତ ଅବସ୍ଥାରେ ରହିଛି, ଜନସଂଖ୍ୟା ବଢ଼ି ଚାଲିଛି, ତତ ସହ ପ୍ରଗତି ଦୌଡ଼ରେ ଚାଷ ଜମି ଜଙ୍ଗଲ ପାହାଡ଼ ପର୍ବତ ତୋଟା ବହୁ ସ୍ଥାନରେ ଥିବା ଗଛ ଲତା ସବୁ କାଟି ନଷ୍ଟ କରି ପୋତି, ରାସ୍ତା ରେଳପଥ କାରଖାନା ବଡ଼ ବଡ଼ ଇମାରତ ତିଆରି ଚାଲିଲାଣି। ବିସ୍ତାରବାଦୀ ଚିନ୍ତା ଏତେ ନିଶା ଯେ ପ୍ରାକ କାଳର ଗୋଷ୍ଠୀ ଉପରେ ଗୋଷ୍ଠୀଙ୍କର ଆକ୍ରମଣ ଲାଗି ରହିଛି। ଏଥିରେ ଦେଶ ଦେଶ ସୀମା ବିବାଦ, ରାଜ୍ୟମାନେ ବି ଏଥିରୁ ବାଦ ନୁହଁନ୍ତି। ପ୍ରକୃତି ମା' ପୃଥ୍ୱୀ ଉପରେ ଓ ମାଟି ତଳେ ତାଙ୍କ ଉପରେ ବାସିନ୍ଦା ମାନଙ୍କୁ ବଞ୍ଚିବା ଅବଲମ୍ବନ ରଖିଛନ୍ତି ଏହା ଅତି ଆବଶ୍ୟକ ପାଇଁ ପୃଥିବୀବାସୀ କାମରେ ଲଗାଇ ପାରନ୍ତି କିନ୍ତୁ ନିଜରସ୍ଥିତ ଭୂମିକୁ ଭଲ ଭାବରେ ନଜାଣି, ଅନ୍ୟର ଭୂମିକୁ ଲୋଭରେ ଲୁଟିବା ଏବେ ଏକ ସୌକି ହୋଇ ଗଲାଣି, ସବୁ ଜୀବ ଜନ୍ତୁ ପଶୁ ପକ୍ଷୀଙ୍କୁ ମନୁଷ୍ୟ ଶେଷ କରି ଚାଲିଛି, ଜମି ଚାଷରେ ସ୍ପୃହା ନାହିଁ, ଚାକିରୀ ଚିନ୍ତା ବଢ଼ିଛି, କିଣିଖିଆ ବଢ଼ିଚାଲିଛନ୍ତି, ଶାସ୍ତ୍ର ଧାରା ଅଣଦେଖା।

ଧର୍ମ କହିଲେ ଲୋକେ ବୁଝୁଛନ୍ତି କ'ଣ ? ପ୍ରକୃତିକୁ ରକ୍ଷା କରି ନା ପ୍ରକୃତିକୁ ଧ୍ୱଂସ କରି ? ଶବ ସତ୍କାର ପାଇଁ ବିଭିନ୍ନ ଧର୍ମୀୟ ପରମ୍ପରାରେ ଭିନ୍ନ ଭିନ୍ନ ବ୍ୟବସ୍ଥା ଅଛି, ଶବକୁ ସମାଧି ଦେବା ଏକ ବ୍ୟବସ୍ଥା ଅଛି, ଏହାକୁ ଦେଖିଲେ ଚିନ୍ତା କରିବାକୁ ପଡୁଛି ସଂସାରରେ ଯେତେବେଳେ ଲୋକ ଆଗକୁ ମରିବେ ସେ କେଉଁଠି ସବୁ ପୋତାହେବେ ? ଯେତେ ଲୋକ ମରିବା ଏବେ ଠାରୁ ଅନେକ ବର୍ଷ ଆଗରୁ ହୋଇଛି ଏ ମଧ୍ୟରୁ ଅନେକ ସ୍ଥାନରେ ସମାଧି ମନ୍ଦିର ଯଦି ଗଢ଼ା ଯାଇଛି ଏବେ ପ୍ରତି ଯୋଗିତାରେ ସେପରି ନିର୍ମାଣ ହେଲେ ସ୍ଥାନ କେଉଁଠି ବାକି ରହିବ ? ଅନେକ ନିଜ ଅଧିକାର ଜମିଜାଗାରେ କବରଖାନା ପିତୃମାତୃ ଗୁରୁ କବର ସ୍ଥାନ କରିଛନ୍ତି। ଏ ସବୁଙ୍କର ସମ୍ମାନ ସେମାନେ ଓ ତାଙ୍କ ଉତ୍ତରାଧିକାରୀ ଠିକ ଭାବରେ କରିବେ ତ ? ବାପା'ମାଙ୍କ ଆଠ ଦିନିଆ ଶ୍ରାଦ୍ଧ ଦିନରେ କେହି ଏକତ୍ରିତ ହେବା ଏବେ ଦେଖିବାକୁ ମିଳୁନାହିଁ, ଆଉ ସମାଧିରେ ଫୁଲ ପାଣି ସନ୍ଧ୍ୟାବତୀ କିଏ ଦିଏ ? ଯିଏ ଇହ ଲୋକରୁ ଚାଲି ଗଲେ ତାଙ୍କ ଆତ୍ମାର ସଦଗତି ନିମିତ୍ତ ତାଙ୍କର ପ୍ରେତ କ୍ରିୟା କରାଯିବା ସହିତ ତାଙ୍କର ଶ୍ମଶାନ ଅଣାଯିବା ଅସ୍ଥି ଦଶତୁଠର ଜଳାଶୟରେ ସେହି ଦିନ ବିସର୍ଜନ ଅନେକ କରିଥାନ୍ତି ମୃତ୍ୟୁର ଏକାଦଶ ଦିନକୁ ବିସର୍ଜନଶ୍ରାଦ୍ଧ ଦିବସ କୁହାଯାଏ। ଏ ଦିନକୁ କରଟା ବି କୁହାଯାଏ। କରଟାରେ ମୃତ ଲୋକର ବ୍ୟବହାର ଦ୍ରବ୍ୟା ବି ଦାନ ଦିଆଯାଏ। ମାନବର ନିତ୍ୟ ବ୍ୟବହାର ଦ୍ରବ୍ୟ ତହିଁରେ ଜଡ଼ିତ ରହେ। ଅନେକ ରଙ୍ଗାଦି ତୀର୍ଥରେ ପ୍ରଥମ ବାର୍ଷିକ ଶ୍ରାଦ୍ଧକୁ ବା ପରେ ନେଇକି ଅସ୍ଥି ବିସର୍ଜନ ପାଇଁ ଏକ ସଂକଳ୍ପ ରଖିଥାନ୍ତି। ହେଲେ ଭ୍ରାନ୍ତ ଧାରଣା ମନରେ ଆଣି ମା ଯାଇଥିଲେ ବାପାଙ୍କ ଦେହାନ୍ତ ପରେ ବାପା ଯାଇଥିଲେ ମା'ଙ୍କ ଦେହାନ୍ତ ହେବା ପରେ ଦୁଇ ଅସ୍ଥି ଏକାଥରେ ନେବେ, କିନ୍ତୁ କାଳ ଅସ୍ଥିତ ରଖିବା ଲୋକକୁ ଯଦି ଆୟୁ ଦେଇ ନଥାନ୍ତି ତେବେ କଣ ପ୍ରେତ ଲୋକରୁ ଜୀବ ଆଉ ଉର୍ଦ୍ଧ୍ୱକୁ ଯିବା ପଥ ରୁଦ୍ଧ ହୋଇଯିବ ? ଗଙ୍ଗାଘାଟ ପ୍ରୟାଗରେ ଯେକେହିଙ୍କ ଅସ୍ଥି ବିସର୍ଜନ କରି ଦେଇପାରନ୍ତି। ମା-ବାପାଙ୍କ ପାଇଁ ଏକ ବିରଳ ଶ୍ରାଦ୍ଧ ଗୟାର ବିଷ୍ଣୁପାଦ ପରିସରରେ ଦିଆଯାଏ। ତାହା ମାତୃ ଷୋଡ଼ଶୀ ଶ୍ରାଦ୍ଧ ଠିକ ତଦ୍ରୁପ ପିତୃଶ୍ରାଦ୍ଧ ଯାହା କୁଶ ଗୁଚ୍ଛ ଉପରେ ଦିଆଯାଏ, ଆମ ଓଡ଼ିଶାର ବିରଜା ବୈତରଣୀ ଶ୍ରୀକ୍ଷେତ୍ର, ବାଇଶି ପାହାଚରେ, ବ୍ରହ୍ମ କପାଳୀ, କୁଶବର୍ତ୍ତ ତୀର୍ଥ ଆଦିରେ ଥିଲାଘର ଲୋକେ କରିପାରନ୍ତି। ଶ୍ରାଦ୍ଧରେ ଗୋ ଗ୍ରାସ ବ୍ୟବସ୍ଥାଯୋଡ଼ି ରହିଛି।

ଧର୍ମ କାର୍ଯ୍ୟରେ ସ୍ୱାତ୍ତିକ ଆଚରଣରେ ହିଂସା, କ୍ରୋଧ କାମାଦି ମାନସିକ ଚିନ୍ତା, ବିଳାସୀ ନିଶା ସେବନ ପାନ ତ୍ୟାଗ ନିହାତି ଦରକାର, ଖାଲି ନାଁକୁ ମାତ୍ର ଏ କାର୍ଯ୍ୟ କଲେ କୌଣସି ଫଳ ଠିକ ହୋଇନପାରେ, ଘରେ ଗୋରୁ ଗାଈ ଥିଲେ ନପାରିଲେ ଗୋଶାଳାକୁ ଦାନ କରନ୍ତୁ। ତାଙ୍କ ପାଇଁ କିଛି ଖାଦ୍ୟ ପଦାର୍ଥ ମଧ୍ୟରେ ମଧ୍ୟରେ ଦିଅନ୍ତୁ। ଯଦି ପାଳିଛନ୍ତି ତେବେ ରୋଗ ବ୍ୟାଧିରେ ପରିଜନଙ୍କ ପରି ଚିକିତ୍ସା ଶୁଶ୍ରୂଷା କରନ୍ତୁ, ଅପାରଗତା ଭାବି ହାଟରେ କଂସାଇକୁ ବିକ୍ରି କରନ୍ତୁ ନାହିଁ। ସ୍ୱାଭାବିକ ମୃତ ଯାଏ ପାଳି ତାର ମୃତ୍ୟୁକୁ ଶୋକ ପାଳନ୍ତୁ ତାର ବିହିତ ସତ୍କାର କରନ୍ତୁ। ଏ ବିଷୟରେ ଉଚିତ ଭାବନା ଆଣନ୍ତୁ ଏଥିରେ ମାନବିକତା ରହିବ ରହିବା ପଥ ଆଗକୁ ବଢ଼ିବ। ଅନୁରୋଧ, ଅନୁରୋଧ।

♥ 'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୨ ନଭେମ୍ବର ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ମଧୁରୋକ୍ତି...( ୪ )



♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ମାତା ସୀତାଙ୍କ ଆବିର୍ଭାବ ସହିତ ମିଥିଳାର ଦୁଃଖ ଦୂର ହୋଇ ଯାଇଥିଲା। ଧରଣୀ ପୁନଃ ଶସ୍ୟ ଶ୍ୟାମଳା ହୋଇ ହସି ଉଠିଲା। ଲଙ୍ଗଳମୁନଟି ବାଜି କନ୍ୟା ଜନ୍ମ ନେଇଥିବାରୁ ରାଜା ଜନକ ସେହି ଶିଶୁକନ୍ୟାର ନାମ ଦେଇଥିଲେ ସୀତା। ନିଃସଂତାନ ଥିବା ରାଜା ଜନକଙ୍କ କୋଳ ପୂର୍ଣ୍ଣ ହେବା ପରେ ତାଙ୍କ ବଂଶରେ ଅନ୍ୟ ତିନିଜଣ ରାଜକୁମାରୀ ତାଙ୍କ କନିଷ୍ଠ ଭାଇଙ୍କ କୋଳ ମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ। ସେମାନେ ହେଲେ ଉର୍ମିଳା, ମାଣ୍ଡବୀ ଓ ଶ୍ରୁତକିର୍ତ୍ତୀ।

ହର୍ଷ, ଉଲ୍ଲାସ, କୋଳାହଳରେ ରାଜଭବନ ଖୁସିରେ ନାଚି ଉଠୁଥିଲା ଏହି ସୁନ୍ଦରୀମାନଂକ ଗହଣରେ। ସମୟ ସହିତ ତାଳ ଦେଇ ଆଦ୍ୟ ଯୌବନ ସ୍ପର୍ଶ କରି ଆସୁଥିବା ମାତା ସୀତାଙ୍କ ଦୁଇ ଚକ୍ଷୁ ମିଳିତ ହୋଇଥିଲା ତୁମର ଦୁଇ ପଦ୍ମଲୋଚନ ସହିତ। ସୁଦର୍ଶନ ସୌମ୍ୟକାନ୍ତି ଦୀପ୍ତିମୟ ଆଭାଠାରୁ ନିଜକୁ ଚୋରେଇ ନେଇ ପାରି ନଥିଲେ ସୀତା ମାତା ଆଉ ତୁମ ପ୍ରେମରେ ଉଦବୁଦ୍ଧ ହୋଇ ଉଠିଲା ତାଙ୍କ ତରୁଣୀ ମନ...!! ପୁଷ୍ପ ବାଟିକାରେ ହୋଇଥିବା ଏହି ଆଦ୍ୟମିଳନ ଇତିହାସରେ ଏକ ସ୍ୱର୍ଣ୍ଣମୟ ଅଧ୍ୟାୟ ଲେଖି ଚାଲିଥିଲା। ଯେଉଁଠି ଥିଲା ପ୍ରେମ, ମିଳନ, ବିଚ୍ଛେଦର ଏକ ଅନୁପମ ଗାଥା। ଯେଉଁଠି ସମ୍ପର୍କ ସବୁ ଯୋଡ଼ି ହୋଇ ଯାଉଥିଲା କେବଳ ସତ୍ୟ ଧର୍ମ ନ୍ୟାୟର ପୁନରୁଦ୍ଧାର କରିବା ଉଦ୍ଦେଶ୍ୟରେ। ଯେଉଁଠି ପ୍ରତ୍ୟେକ ଚରିତ୍ର ନିଜ ନିଜ ଭୂମିକା ନିର୍ବାହ କରି ଚାଲିଥିଲେ ଧର୍ମର ନୂତନ କୀର୍ତ୍ତି ସ୍ଥାପନା କରିବା ଆଶାରେ।ଆଉ ତୁମେ ପ୍ରଭୁ...ନିଜେ ସ୍ୱୟଂ ଜଗତପାଳକ ହୋଇ ମଧ ଯଥୋଚିତ କର୍ତ୍ତବ୍ୟ ସମ୍ପାଦନ କରି ଚାଲିଥିଲ ଜଗତକୁ ନୂତନ ଦିଗନ୍ତ ପ୍ରଦାନ କରିବା ଲକ୍ଷ୍ୟ ନେଇ...!! ଜୀବନ ଏକ ନୂତନ ପୁଲକରେ ସ୍ପନ୍ଦିତ ହୋଇ ଉଠୁଥିଲା ପ୍ରକୃତି ପୁରୁଷର ଏହି ଆଦ୍ୟ ଚକ୍ଷୁଶା ମିଳନରେ...!! ସମୟ ଅପେକ୍ଷା କରିଥିଲା କେବେ ହେବ ଏକ ଦିବ୍ୟ ବନ୍ଧନ...!!?? ଦୁଇ ହୃଦୟ...ଦୁଇ ଶକ୍ତି ପରସ୍ପର ସହିତ ସମ୍ମିଳିତ ହେଲେ ତ ସଂସାର ନିଜର ପୂର୍ଣ୍ଣତା ଲାଭ କରିବ..!!?? ଅପଲକ ନୟନରେ ସମସ୍ତେ ଅନେଇ ବସିଥିଲେ ଆଗକୁ କଣ ହେଉଛି ତାହା ଦେଖିବାକୁ...!!

କିନ୍ତୁ ସୀତା ମାତାଙ୍କର ସ୍ୱୟମ୍ବର ଯେ ସଂପୂର୍ଣ୍ଣ ରୂପେ ଅଦ୍ୱିତୀୟ ଥିଲା। ପୁରାଣ ପୃଷ୍ଠାରୁ ଜଣାଯାଏ ଯେ ଦେବଶିଳ୍ପୀ ବିଶ୍ୱକର୍ମା ନିଜର ସମସ୍ତ ବିଦ୍ୟା ଉପଯୋଗ କରି ଦୁଇଟି ସମ କ୍ଷମତା ସମ୍ପନ୍ନ ଦିବ୍ୟଧନୁ ନିର୍ମାଣ କରିଥିଲେ। ଦୁଇଟିଯାକ ଧନୁ ପରସ୍ପର ବିରୋଧରେ ପ୍ରୟୋଗ କରି କେଉଁ ଧନୁ ସର୍ବୋତ୍କୃଷ୍ଟ ତାହା ପରୀକ୍ଷଣ କରାଯିବା ଉଚିତ୍ ବୋଲି ଦେବତାମାନେ ମନେ କଲେ। କିନ୍ତୁ ଏପରି ହେଲେ ସମ୍ପୂର୍ଣ୍ଣ ସୃଷ୍ଟିର ବିଧ୍ୱଂଶ ହୋଇଯିବାର ଆଶଙ୍କା କରି ମହାଦେବ ନିଜ ପିନାକ ଧନୁକୁ ଫୋପାଡି ଦେଇଥିଲେ। ଆଉ ସେହି ଧନୁ ଆସି ମିଥିଳା ନଗରୀରେ ପଡ଼ିଥିଲା।

ମହାଦେବ ଶିବଶମ୍ଭୁଙ୍କ ଉକ୍ତ ଦିବ୍ୟଧନୁକୁ ମିଥିଳା ନରେଶ ପ୍ରତ୍ୟହ ଭକ୍ତି ସହକାରେ ପୂଜା କରୁଥିଲେ। ଈଶ୍ୱରଙ୍କ ବ୍ୟତୀତ ଆଉ କେହି ମଧ ସେହି ଧନୁକୁ ଉଠେଇବା ଅସମ୍ଭବ ଥିଲା। ଥରେ ମିଥିଳା ରାଜକୁମାରୀ ଜନକନନ୍ଦିନୀ ସୀତା ନିଜ ସାଙ୍ଗମାନଙ୍କ ସହିତ ପେଣ୍ଡୁ ଖେଳୁଥିବା ବେଳେ ତାହା ସେହି ଶିବଧନୁ ତଳକୁ ଗଡି ଯାଇଥିଲା। ଜନକନନ୍ଦିନୀ ଅନାୟାସରେ ଉକ୍ତ ଶିବଧନୁ ହାତରେ ଉଠେଇ ଦେଇ ନିଜ ପେଣ୍ଡୁ ବାହାର କରିଦେଇ ଖେଳିବାକୁ ଚାଲି ଯାଇଥିଲେ। ତାଙ୍କର ଏପରି କାର୍ଯ୍ୟ ଦେଖି ଜନକ ରାଜା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଯେଉଁ ଧନୁକୁ ଘୁଞ୍ଚାଇବାକୁ କେହି ସକ୍ଷମ ହୋଇ ପାରି ନଥିଲେ; ସେହି ଧନୁକୁ ଏକ ସାମାନ୍ୟ ହାଲୁକା ପଦାର୍ଥ ପରି ଉଠେଇ ନେଇ ସୀତା ନିଜ ଅଲୌକିକତାର ପ୍ରମାଣ ଦେଇଥିଲେ। ଆଉ ସେହିଦିନ ହିଁ ସୀତା ସ୍ୱୟମ୍ବରର ନିଷ୍ପତ୍ତି ହୋଇ ଯାଇଥିଲା। ଯେଉଁ ରାଜା ବା ରାଜକୁମାର ଶିବଧନୁକୁ ଉଠେଇ ତା ଉପରେ ଗୁଣ ବା ପ୍ରତ୍ୟାଞ୍ଚା ଚଢ଼େଇବେ ସେ ହିଁ ଜନକ ନନ୍ଦିନୀଙ୍କ ଭାବି ସ୍ୱାମୀ ନିର୍ବାଚିତ ହୋଇ ପାରିବେ...!!

ଏହି ଘୋଷଣା ଅନୁସାରେ ଦେଶ ବିଦେଶରୁ ଅନେକ ରାଜା ଓ ରାଜକୁମାର ନିଜ ନିଜ ଭାଗ୍ୟ ପରୀକ୍ଷା କରିବା ନିମନ୍ତେ ମିଥିଳା ନଗରୀରେ ଆସି ଏକଜୁଟ ହୋଇଥିଲେ। ମିଥିଳା ନଗରୀ ବିଭିନ୍ନ ବୀରପୁରୁଷ ମାନଂକର ସମାଗମରେ ଉତ୍‌ଫୁଲିତ ହୋଇ ଉଠୁଥିଲା।

କିନ୍ତୁ...ସୀତା ସ୍ୱୟମ୍ବର କଣ ପ୍ରକୃତରେ ଏମିତି ଏତେ ସହଜିଆ ଥିଲା କି ?

ଦୁନିଆ ସାରାର ବୀର ଜମା ହୋଇ ଶିବଧନୁ ଉଠେଇବା ପାଇଁ ଚେଷ୍ଟା ଚଳେଇଥିଲେ। ହେଲେ କେହି ତାକୁ ଇଞ୍ଚେ ମାତ୍ର ଘୁଞ୍ଚାଇବାକୁ ସକ୍ଷମ ହୋଇ ପାରିଲେନି। ଏପରିକି ନିଜେ ପରମ ପ୍ରତାପୀ ଲଙ୍କାପତି ରାବଣ ମଧ ନିଜର ଭାଗ୍ୟ ପରୀକ୍ଷା ପାଇଁ ଆସି ପ୍ରସ୍ତୁତ ହୋଇ ବସିଥିଲା। ହେଲେ...

ନିଜ ଆରାଧ ପ୍ରଭୁ ମହାଦେବଙ୍କ ପିନାକ ଧନୁ ଉଠେଇବାକୁ କରିଥିବା ବୃଥା ଚେଷ୍ଟା ତାର ମାଟିରେ ମିଶି ଯାଇଥିଲା। ତାକୁ ସ୍ପର୍ଶ କରିବା ମାତ୍ରେ ହିଁ ସେ ତଳେ ପଡି ଯାଇଥିଲା। ଅନ୍ୟ ବୀର ରାଜାମାନେ ହସି ଉଠିଲେ ରାବଣର ଏପରି ପରାଜୟରେ। ଆଉ ଲଙ୍କାପତି ମଧ କ୍ରୋଧିତ ହୋଇ ମିଥିଳା ନରେଶଙ୍କୁ ଭର୍ତ୍ସନା କରିବାରେ ଲାଗିଲା। ଯଦି କେହି ମଧ ସକ୍ଷମ ହେଉ ନାହାନ୍ତି ତେବେ ଏହା ନିଶ୍ଚୟ ଏକ ଅସମ୍ଭବ ଆହ୍ୱାନ। ଆଉ ସେ ଏକଥା ମଧ କହିଲା ଯେ ଯଦି ଏହି ଆସ୍ପର୍ଦ୍ଧାରେ କେହି ବିଜୟୀ ହୋଇ ପାରିଲେନି ତେବେ ଜନକ ନିଜ କନ୍ୟାଙ୍କୁ ସାରା ଜୀବନ ଅବିବାହିତା କରି ନିଜ ପାଖରେ ରଖନ୍ତୁ। ଏସବୁ ଶବ୍ଦ ଶୁଣି ରାଜା ଜନକ ମର୍ମାହତ ହେଲେ ଏବଂ ନିରାଶ ହୋଇ କହିଲେ ବୋଧେ ଧରିତ୍ରୀ ବୀରଶୁନ୍ୟା ହୋଇ ଯାଇଛି। ସେଥିପାଇଁ ତ ବୀର ମାନଂକ ଏତେ ବଡ ମେଳିରେ ମଧ ଏପରି କେହି ଜଣେ ନାହାନ୍ତି ଯେ ନିଜ ବୀରତ୍ୱର ପ୍ରଦର୍ଶନ କରି ଶିବଧନୁରେ ଗୁଣ ଚଢ଼େଇ ପାରିବେ...!!??

ମହାରାଜ ଜନନଙ୍କର ଏପରି କଥା ଶୁଣି ନିଜକୁ ଆଉ ରୋକି ପାରିଲେନି ପରମ ବୀର ଲକ୍ଷ୍ମଣ ଏବଂ କହି ଉଠିଲେ ଯେ ତାଙ୍କ ଅଗ୍ରଜ ଶ୍ରୀରାମଚନ୍ଦ୍ର ଉପସ୍ଥିତ ଥିଲା ବେଳେ ଏପରି କଥା କହିବା ନିହାତି ଅନୁଚିତ୍। ଆଉ ସେହି ସମୟରେ ମହର୍ଷି ବିଶ୍ୱାମିତ୍ରଙ୍କ ଅନୁମତି ନେଇ ତୁମେ ଆଗେଇ ଆସିଥିଲ ଶିବଧନୁରେ ଗୁଣ ଚଢ଼େଇ ମହାରାଜ ଜନକଙ୍କର ଦୁଃଖ ଦୂର କରିବା ପାଇଁ...!!

ମାତା ସୀତା,ମହାରାଜ ଜନକ ଆଉ ଅନ୍ୟ ବନ୍ଧୁ ବାନ୍ଧବ ମାନଙ୍କର ହୃତସ୍ପନ୍ଦନ ବୋଧେ ବନ୍ଦ ହୋଇ ଯାଇଥିଲା ସେହି ସମୟରେ ଯେତେବେଳେ ତୁମେ ଆଗେଇ ଚାଲିଥିଲ ଶିବଧନୁ ନିକଟକୁ...!!

ମା ମହାଗୌରୀଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ଜନକ ନନ୍ଦିନୀ ତୁମ ବିଜୟ ପାଇଁ ପ୍ରାର୍ଥନା କରୁଥିଲେ...!!

ସ୍ମିତହାସ୍ୟ ସହିତ ଗଭୀର ଆତ୍ମବିଶ୍ୱାସ ରଖି ଗୁରୁ ତଥା ଗୁରୁଜନଙ୍କୁ ଯଥାମାନ୍ୟ ଜଣେଇ ତୁମେ ଶିବଧନୁ ନିକଟରେ ପ୍ରବେଶ କରିଥିଲ। ନିଜେ ପିନାକପାଣି ଅପେକ୍ଷା କରି ରହିଥିଲେ ସେହି କ୍ଷଣ ପାଇଁ ଯେତେବେଳେ ତୁମର ଶୁଭ ହସ୍ତ ସ୍ପର୍ଶ କରିବ ତାଙ୍କ ଧନୁକୁ...!!

ତୁମେ କେବଳ ଶିବଧନୁ ଉଠେଇ ନଥିଲ ବରଂ ଏଥିରେ ପ୍ରତ୍ୟଞ୍ଚା ଚଢ଼େଇବାକୁ ଗଲାବେଳେ ଏହି ଧନୁଟି ଭାଙ୍ଗି ଯାଇଥିଲା । ପ୍ରଚଣ୍ଡ ବିସ୍ଫୋଟ ହେଲା ପରି ଶବ୍ଦ ହୋଇଥିଲା ଚାରିଆଡ଼େ। ଆଉ ସମସ୍ତେ ଭୟଭୀତ ହୋଇ ଯାଇଥିଲେ। ମହାଦେବଙ୍କ ପରମ ଭକ୍ତ ବିଷ୍ଣୁବତାର ପର୍ଶୁରାମଙ୍କ ଯୋଗଧ୍ୟାନ ଭଙ୍ଗ ହୋଇଥିଲା ଏହି ଧନୁର ଟଙ୍କାର ଶୁଣି...!! ନିଜ ପିତା ଜମଦଗ୍ନୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ମାତାଙ୍କୁ ହତ୍ୟା କରିଥିବା ଏହି ବ୍ରାହ୍ମଣ ବୀର ଏକୋଇଶ ଥର ଧରିତ୍ରୀକୁ କ୍ଷତ୍ରିୟ ମୁକ୍ତ କରି ତପରେ ତଲ୍ଲୀନ ହୋଇ ରହିଥିଲେ। କିନ୍ତୁ ଶିବଧନୁ ଭଙ୍ଗ ହେବାର ଶବ୍ଦରେ ସେ ଦୌଡ଼ି ଆସି ପହଂଚି ଯାଇଥିଲେ ମିଥିଳା ରାଜସଭାକୁ...!!

ପ୍ରତିଯୋଗିତାରେ ବିଜୟୀ ହେବା ପରେ ମାତା ସୀତା ତୁମ ଗଳାରେ ନିଜ ପ୍ରେମର ସନ୍ତକ ସଦୃଶ ବିଜୟମାଳା ଲମ୍ବେଇ ଦେଲା ବେଳେ ପର୍ଶୁରାମଙ୍କ ଗର୍ଜନ ସମସ୍ତଙ୍କୁ ଚକିତ କରି ଦେଇଥିଲା। ଶିବଧନୁକୁ ଭାଙ୍ଗି ଦେଇଥିବାରୁ ସେ ତୁମକୁ ଦୋଷୀ ମନେ କରିଥିଲେ।ଭର୍ତ୍ସନା କରିବାକୁ ମଧ ପଛେଇ ନଥିଲେ। କିନ୍ତୁ ବୀର ଲକ୍ଷ୍ମଣ ଏହାର ଭୀଷଣ ପ୍ରତିବାଦ କରିବା ସମୟରେ ତୁମେ ଆଗେଇ ଆସିଥିଲ। ନିଜର ମଧୁବୋଳା ବିନୟ ବଚନରେ ତୁମେ ଉଗ୍ର ମହର୍ଷିଙ୍କ କ୍ରୋଧକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲ। ତୁମକୁ ସମ୍ମୁଖ ଯୁଦ୍ଧର ଆହ୍ୱାନ ଦେଇ ମହର୍ଷି ତପିରେ ନିଜ ସ୍ୱଚକ୍ଷୁରେ ତୁମ ଭିତରେ ଶ୍ରୀ ହରିବିଷ୍ଣୁଙ୍କର ଦର୍ଶନ ଲାଭ କରି କୃତାର୍ଥ ହୋଇଥିଲେ ଏବଂ ବିଷ୍ଣୁଙ୍କର ସାରଙ୍ଗ ଧନୁ ଅର୍ପଣ କରିବା ପରେ ତୃପ୍ତ ହୋଇ ପୁନଃ ତପସ୍ୟା କରିବାକୁ ଚାଲି ଯାଇଥିଲେ।

ନୂତନ ଅଧ୍ୟାୟ....ନୂତନ ସମ୍ପର୍କ ଯୋଡି ହୋଇଯାଇଥିଲା ଅଯୋଧ୍ୟା ଏବଂ ମିଥିଳା ମଧ୍ୟରେ। ସୀତାଙ୍କ ସହିତ ଉର୍ମିଳା, ମାଣ୍ଡବୀ, ଶ୍ରୁତକିର୍ତ୍ତୀ ମଧ ଆଯୋଧ୍ୟାପୁରୀର ବୋହୂ ହୋଇଥିଲେ। ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇ ସମସ୍ତେ ଏକ ନୂତନ ଚମକ୍ ନେଇ ପିତ୍ରାଳୟ ଛାଡ଼ି ଶ୍ୱଶୁର ଗୃହକୁ ଆସିଥିଲେ। ଆଉ ସେଠାରେ ଇତିହାସ ଏକ ନୂତନ ମୋଡ଼ ନେଇ ସ୍ୱାଗତ କରିବାକୁ ଅପେକ୍ଷା କରି ବସିଥିଲା...!!

ବିବାହ ପ୍ରଥମ ରାତ୍ରୀରେ ତୁମେ ମାତା ସୀତାଙ୍କୁ ଏକପତ୍ନୀବ୍ରତ ରହିବାର ବଚନ ଦେବା ସହ ନିଜ ମହାନତାର ଦିବ୍ୟ ପରିଚୟ ଦେଇଥିଲ ପ୍ରଭୁ। ଦାମ୍ପତ୍ୟ ଧର୍ମର ମହାନତା ରକ୍ଷା ପାଇଁ ତୁମର ଏପରି ବଚନର ମହତ୍ତ୍ୱ ସମୟ ଅନୁସାରେ ଦୁନିଆ ଆସ୍ତେ ଆସ୍ତେ ଜାଣି ପାରିଥିଲା। ବିବାହ ପରେ ଭରତ ଏବଂ ଶତ୍ରୁଘ୍ନ ନିଜ ମାତୁଳ ଗୃହକୁ ଭ୍ରମଣ କରିବା ପାଇଁ ଯାଇଥିଲେ। ତୁମର ରାଜ୍ୟାଭିଷେକ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିଲା। ମହାରାଜ ଦଶରଥ ନିଜ ଉତ୍ତରାଧିକାରୀ ପାଇ ସାରିଥିଲେ। ଆଉ ସେଇଥିପାଇଁ କାଳ ବିଳମ୍ବ ନକରି ସେ ତୁମର ଅଭିଷେକ କରିବା ନିଷ୍ପତ୍ତି ନେଇଥିଲେ। ଶୁଭାଶୁଭ ଗଣନା ଅନୁଯାୟୀ ଏକ ଶୁଭ ମୂହୁର୍ତ୍ତ ନିର୍ଧାରଣ କରାଗଲା। ଆଉ ତା ପରେ ସେହି ସମୟ ମଧ ଉପସ୍ଥିତ ହେଲା ଯେତେବେଳେ ଦୁନିଆରେ ବଚନ ପାଳନର ଏକ ନୂଆ ଅଧ୍ୟାୟ ଲେଖାଗଲା...!!

(ଆରଥରକୁ)

♥ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# କ୍ରାନ୍ତିକାରୀ କବିତାର କାଳଜୟୀ ସ୍ରଷ୍ଟା : ବସନ୍ତ ମୁଦୁଲି

ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ



ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଯୁବକବି ମାନଙ୍କ ମଧ୍ୟରୁ କବି ବସନ୍ତ ମୁଦୁଲି ଅନ୍ୟତମ। ତାଙ୍କ ଶବ୍ଦମୟ ହୁଁକାର ସୁଦୂରପ୍ରସାରୀ ଥିଲା। ସେ ଥିଲେ ପ୍ରଚଣ୍ଡ ପ୍ରତିଭାର ପରିଚାୟକ ଏବଂ ଏକାଧାରରେ ଜଣେ ବିପ୍ଳବୀ କବି, ନୀତିନିଷ୍ଠ ଆଦର୍ଶ ଶିକ୍ଷକ, ଲୋକପ୍ରିୟ ମେଲୋଡ଼ି ଉପସ୍ଥାପକ, ସ୍ୱନାମଧନ୍ୟ ଡୁଏଟ୍ ଅଭିନେତା ସର୍ବୋପରି ସେ ଥିଲେ ଜଣେ ଦେବୋପମ ବ୍ୟକ୍ତିତ୍ୱଧାରୀ ଦରଦୀ ମଣିଷ। ପ୍ରତିଟି ମଣିଷର ମନତଳର ବେଦନାକୁ ସେ ଅତି ସହୃଦୟତାର ସହ ଅନୁଭବି ପାରୁଥିଲେ।

ଦୁଃଖର ମହଣ ମହଣ ବୋଝକୁ ମଥାରେ ରଖି ମଧ ସେ ପ୍ରାଣଖୋଲା ହସ ହସି ପାରୁଥିଲେ। ମଣିଷକୁ ଆପଣାର କରି ସୈତାନ ମାନଙ୍କୁ ଦୃଢ଼ତାର ସହ ଶବ୍ଦାସ୍ତ୍ର ଆଘାତରେ ନିଃଶେଷ କରିବାକୁ ସେ ସବୁ ସମୟରେ ଚେଷ୍ଟିତ ଥିଲେ। ସବୁବେଳେ ନୀତି, ଆଦର୍ଶ ତଥା ଚରିତ୍ରବତ୍ତାକୁ ସେ ସମ୍ମାନର ସହ ଗ୍ରହଣ କରି ମହନୀୟ ସଂସ୍କୃତିକୁ ଅଧିକରୁ ଅଧିକ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଉଥିଲେ।

ପିତା ବାଉରୀବନ୍ଧୁ ମୁଦୁଲି ଏବଂ ମାତା ସତ୍ୟଭାମା ଦେବୀଙ୍କ କୋଳକୁ ପୂର୍ଣ୍ଣ କରି ୧୯୫୫ ମସିହା ନଭେମ୍ବର ୨ ତାରିଖ ଦିନ ଭଦ୍ରକ ଜିଲ୍ଲାର ଅରଣ୍ଡୁଆ ଗ୍ରାମରେ ଜନ୍ମ ହୋଇଥିଲେ କବି ବସନ୍ତ ମୁଦୁଲି। ତାଙ୍କ ସମଗ୍ର ଜୀବନ ଥିଲା ଦୁଃଖ ଯନ୍ତ୍ରଣାର ଏକ ସଂଘର୍ଷମୟ ଅଶ୍ଳୀଳ ନାଟକ। ଜୀବନ ତମାମ ସେ ଅହରହ ସଂଗ୍ରାମ କରିଥିଲେ। ସବୁ ପ୍ରତିକୂଳ ପରିସ୍ଥିତିର ସେ ଦୃଢ଼ ମୁକାବିଲା କରିଥିଲେ। ପରିବାରକୁ ପରିପୂର୍ଣ୍ଣ କରିବା ପାଇଁ ଉଚ୍ଚଶିକ୍ଷା ଲାଭ କରିଥିଲେ ମଧ ସେ ଟିଉସନ୍ କରିଥିଲେ। ମେଲୋଡ଼ି ଘୋଷକ ଭାବରେ ଯୋଗଦେଇଥିଲେ। ମୁହଁରେ ରଙ୍ଗବୋଳି ସଫଳତାର ସହ ଡୁଏଟ୍ ଅଭିନେତା ଭାବେ ବିଶେଷ ନାଁ କରିଥିଲେ। ତଥାପି ତାଙ୍କର ଆଶା ପୂରଣ ହେଲାନି। ସ୍ୱଳ୍ପ ପାରିଶ୍ରମିକତାକୁ ପାଥେୟ କରି ସେ ବେଶିଦିନ ଆଉ କଳାର ମୋହରେ ବାନ୍ଧିହୋଇ ରହିପାରିଲେ ନାହିଁ। ତା'ପରେ ସେ ଶିକ୍ଷକତାକୁ ଜୀବିକା ଭାବେ ଗ୍ରହଣ କରି ଅଗ୍ରସର ହେଲେ ସ୍ୱକୀୟ ପ୍ରତ୍ୟୟର ପୁଣ୍ୟମୟ କର୍ମପଥରେ। ଏହି ସମୟରେ ତାଙ୍କ ଆତ୍ମସତ୍ତାକୁ ସ୍ପର୍ଶକଲା ସୃଜନ ବୀଣାର ଅନୁପମ ମୂର୍ଚ୍ଛନା। ସେଇ ମୂର୍ଚ୍ଛନା ତାଙ୍କୁ ମନ୍ତ୍ରମୁଗ୍ଧ କଲା। ତା'ପରେ ସେ ସମଗ୍ର ଚିନ୍ତା ଚେତନାକୁ ଏକତ୍ରିତ କରି ନିଜକୁ ସୃଜନକର୍ମରେ ନିୟୋଜିତ କଲେ, ଛାଁକୁ ଛାଁ ତାଙ୍କ ଭିତରେ ଚେଇଁ ଉଠିଲା ସୁପ୍ତ କବିତ୍ୱର ପ୍ରଚଣ୍ଡ ପ୍ରତିଭାଟି। ଲେଲିହାନ୍ ଅଗ୍ନିଶିଖା ସମ ସେ ବ୍ୟକ୍ତିସତ୍ତାର ବଳୟରୁ

ବାହାରି ଆସିଲେ ବ୍ୟଷ୍ଟିସତ୍ତାର ପରିବ୍ୟାପ୍ତ ପରିସରକୁ। ନିଜସ୍ୱ ଦୁଃଖ, ଯନ୍ତ୍ରଣା, ପ୍ରୀତି, ପ୍ରଣୟ, ଲୁହ, କୋହ, ଅଭିମାନ, ଅଭିଯୋଗ ଆଉ ଅବସୋସକୁ ଫେଣ୍ଟାଫେଣ୍ଟି କରି କବି ବସନ୍ତ ଆଙ୍କି ଚାଲିଲେ ଗୋଟେ ପରେ ଗୋଟେ କାଳଜୟୀ କବିତାର ଚିତ୍ର। ତାଙ୍କ ଭିତରର ସ୍ୱାଭିମାନ, ସ୍ପଷ୍ଟୋକ୍ତି ତଥା ସତ୍ୟମୟ ଦାମ୍ଭିକତା ଗୋଟେ ଗୋଟେ ପ୍ରଭାବଶାଳୀ କବିତାରେ ପରିଣତ ହେଲା। ତାଙ୍କ କବିତାର ଦିବ୍ୟାୟିତ ଜ୍ୟୋତି ଆକୃଷ୍ଟ କଲା ଅଗଣିତ ପାଠକ ମାନଙ୍କୁ, ବୁଦ୍ଧିଜୀବୀ ମାନଙ୍କୁ, ପ୍ରତିଷ୍ଠିତ ତଥା ନୂତନ ସାରସ୍ୱତ ସ୍ରଷ୍ଟା ମାନଙ୍କୁ। ମାତ୍ର ୬ ବର୍ଷର ସାରସ୍ୱତ ସାଧନା ମଧ୍ୟରେ ସେ ସାହିତ୍ୟ ଜଗତ ପାଇଁ ସୃଷ୍ଟିକରି ଯାଇଛନ୍ତି ୪୩୭ଟି ଓଡ଼ିଆ କବିତା,୧୬ ଇଂରାଜୀ କବିତା, ୧୫ ହିନ୍ଦୀ କବିତା, ୫ ଟି ଓଡ଼ିଆ ପ୍ରବନ୍ଧ ତଥା ୩ଟି ଓଡ଼ିଆ କ୍ଷୁଦ୍ରଗଳ୍ପ। ବସନ୍ତଙ୍କ ସମଗ୍ର ସୃଷ୍ଟି ସମ୍ଭାରରେ 'ବୈକୁଣ୍ଠ ସମାନ ଆହା...' ଅନୁପମ ସ୍ୱର ନିନାଦିତ ହୁଏ,ବିପ୍ଳବର ପୁଞ୍ଜିଭୂତ ପ୍ରତିବାଦ ମୁକୁଳି ଆସେ, ଚାହୁଁ ଚାହୁଁ ହୃଦୟର ଉପବନରେ ଫୁଟିଯାଏ ପେନ୍ଥା ପେନ୍ଥା ପ୍ରୀତିମୟତାର ସୁରଭିତ ପୁଷ୍ପରାଜି। 'ଅପେକ୍ଷା କର : ମୁଁ ଆସୁଛି' କହି ସେ ଚାଲିଗଲେ ଅତି ଅପ୍ରତ୍ୟାଶିତ ଭାବରେ ଜୁନ୍ ପନ୍ଦରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ। କିନ୍ତୁ ତାଙ୍କ ପ୍ରତିଭାର ଅଲିଭା ପ୍ରଦୀପକୁ ମୃତ୍ୟୁର ଝଞ୍ଜା ନିର୍ବାପିତ କରିପାରି ନାହିଁ। ତାଙ୍କ ଜୀବନ ପ୍ରଦୀପ ସିନା ନିର୍ବାପିତ ହୋଇଯାଇଛି, ହେଲେ ତାଙ୍କ ଜୀବନ ପ୍ରଦୀପରୁ ଆତ୍ମପ୍ରକାଶ କରିଥିବା ଶବ୍ଦମୟ ଇସ୍ତାହାର ସବୁ ଅନନ୍ତକାଳ ଯାଏଁ ଜୀବନ୍ମୟ ହୋଇ ବର୍ତ୍ତମାନର ଯୁବପିଢ଼ିକୁ ଦିଗ୍ ଦର୍ଶନ ଦେଉଥିବ। ଯୁବକବି ବସନ୍ତ ମୁଦୁଲି ମଣିଷ ସଭ୍ୟତାର ଶେଷ ଯବନିକାପାତ ଯାଏଁ କ୍ରାନ୍ତିକାରୀ କବିତାର କୀର୍ତ୍ତିମାନ ଶବ୍ଦଶିଳ୍ପୀ ହୋଇ କୋଟି ପ୍ରାଣକୁ ଆଲୋକିତ କରୁଥିବେ। କେବଳ ଜଣେ କ୍ରାନ୍ତିକାରୀ କବି ନୁହଁନ୍ତି ସେ ଥିଲେ ଆଦର୍ଶ ଛାତ୍ର, ଆଦର୍ଶ ବନ୍ଧୁ, ଆଦର୍ଶ ପ୍ରେମିକ, ଆଦର୍ଶ ସ୍ୱାମୀ, ଆଦର୍ଶ ଶିକ୍ଷକ ଏବଂ ସର୍ବୋପରି ଜଣେ ଆଦର୍ଶ ପିତା। ଜୀବନର ପ୍ରତିଟି ପର୍ଯ୍ୟାୟରେ ସେ ଆଦର୍ଶକୁ ଆଦରି ନେଇଥିଲେ। ତାଙ୍କର ଭାବ, ଭାଷା, ଚିନ୍ତା, ଚେତନା ସବୁଥିରେ ଥିଲା ଆଦର୍ଶର ଚମତ୍କାର ସୁସମନ୍ୱୟ; ଯେଉଁ ସୁସମନ୍ୱୟର ସୁରଭି ତାଙ୍କ ପ୍ରଚଣ୍ଡ ବ୍ୟକ୍ତିତ୍ୱକୁ ପରିବ୍ୟାପ୍ତ କରିପାରିଛି। ସେ ନିଜର ପରିଚୟ ଦେବାକୁ ଯାଇ ଘୋଷଣା କରିଛନ୍ତି - 'ଶବ୍ଦର ସାମ୍ରାଜ୍ୟରେ ମୁଁ ଝଲକାଏ ଅଗ୍ନି, ପ୍ରତିଟି ଅସହାୟ ଈଶ୍ୱରଙ୍କ ଛାତି ଉପରେ ମୁଁ ପ୍ରେମାସ୍ପଦ ଶ୍ରୀବସ୍ତ ଦାସ, ପ୍ରେମର ସମ୍ରାଟ' । ନିଜକୁ



ଏପରି ବେପରୱା ଢ଼ଙ୍ଗରେ ପରିଚିତ କରାଇବାର ସ୍ପର୍ଦ୍ଧା ଥାଏ କେବଳ ଜଣେ ସଚ୍ଚା କବିର। ସେଇ ସଚ୍ଚା କବି ଜଣକ ହେଉଛନ୍ତି ବସନ୍ତ ମୁଦୁଲି। ହାତରେ କଲମ ଧରି ସେ ସବୁ ଅସମ୍ଭବକୁ ସମ୍ଭବ କରିବାକୁ ମନରେ ଆଶା ପୋଷଣ କରି ଗାଇ ଉଠୁଥିଲେ -

'କେଉଁ ଦୂର ବନାନୀର ଶୁଷ୍କ ଡାଳରେ କ୍ରନ୍ଦନରତା ଏକ୍ଲା କପୋତର ଦୁଃଖରେ ମୁଁ ଚରିଯିବି ସମଗ୍ର ପୃଥିବୀକୁ ମୋ କଲମରେ।' କଲମରେ ସମଗ୍ର ପୃଥବୀକୁ

ଚରିବାକୁ ଆଁ ମେଲି ଦେଇଥିବା କବି ପୁଣି ଆପଣା ଛାଏଁ ମୃତ୍ୟୁ ପରେ ପୁନର୍ବାର ଆମାନବୀୟ ପ୍ରକୃତିର ବିନାଶ ପାଇଁ ଧରାବତରଣ କରିବାର ସ୍ୱପ୍ନ ଦେଖୁଥିଲେ - 'ଅପେକ୍ଷା କର, ଦିନେ ହଠାତ୍ ବିଗୁଲ୍ ବଜାଇ, ମୁଁ ବାହାରି ଆସିବି ପ୍ରଚ୍ଛଦପଟକୁ,

ଅପେକ୍ଷା କର ଭାଇମାନେ, ହଠାତ୍ ଦିନେ ତମମାନଙ୍କୁ ଚମକାଇ ଦେଇ, ମୁଁ ଭାସି ଆସିବି କଳାରକ୍ତର ସ୍ରୋତରେ, ପେଟ ଭୋକିଲା - ପିଠି ଲଙ୍ଗଳା କରି ଅପେକ୍ଷା କର ବାପା। ମୁଁ ଫେରିଛି ରକ୍ତନଦୀର ସ୍ରୋତ ଯେତେ ପ୍ରଖର ହେଉନା କାହିଁକି, ମୁଁ ତମକୁ ପହଞ୍ଚାଇ ଦେବି ଠିକଣା ସ୍ଥାନରେ,ଏକ ସୁନ୍ଦର ପୃଥିବୀର ମରୁଦ୍ୟାନରେ।'

ମାଟିରେ ପ୍ରେମ ଅଜାଡ଼ି ଦେଇ ଛାତିରେ ଗୁଳି କୁଢ଼େଇ ନେବାକୁ ଆହ୍ୱାନ ଦେଇଥିବା କବି ବସନ୍ତ ମୁଦୁଲି ଉତ୍କଳ ସାରସ୍ୱତ ଗଗନରେ ଉଜ୍ଜ୍ୱଳତମ ଭାସ୍କର ସଦୃଶ। ସେ କେବଳ ଭଦ୍ରକବସୀଙ୍କ ପାଇଁ ନୁହେଁ, ସମଗ୍ର ଉତ୍କଳବାସୀଙ୍କ ପାଇଁ ଗର୍ବ ଗୌରବର ଅମର ସ୍ୱାକ୍ଷର। ସେ ସବୁ ଦୃଶ୍ୟକୁ ନେଇ ଆଙ୍କିଛନ୍ତି କବିତାର କମନୀୟ ଚିତ୍ର। ତାଙ୍କ ପ୍ରଚଣ୍ଡ ପ୍ରତିଭା ଜ୍ୟୋତିରେ ସେ ସବୁ ଶ୍ରେଣୀର ମଣିଷ ମାନଙ୍କୁ ଦିବ୍ୟାୟିତ କରିପାରିଛନ୍ତି। ଯଥାର୍ଥରେ କହିବାକୁ ଗଲେ ସେ ହେଉଛନ୍ତି ଚୀରବିଜୟୀ । ଜୀବନ ସଂଗ୍ରାମରେ ସେ କେବେ ହେଲେ ପରାଜୟ ବରଣ କରି ନାହାଁନ୍ତି। ଶବ୍ଦ ସମ୍ରାଟ ସାଜି ସେ ଉତ୍କଳର ସାରସ୍ୱତ ସାମ୍ରାଜ୍ୟକୁ ତାଙ୍କ ସୀମିତ ଶାସନ କାଳ ମଧ୍ୟରେ ଖୁବ୍ ଆତ୍ମୀୟତାର ସହ ଶାସନ କରିଯାଇଛନ୍ତି। ଯେତେଦିନ ଯାଏଁ ପୁଣ୍ୟ ଉତ୍କଳରେ ସାହିତ୍ୟର ନିରାଜନା ହେଉଥିବ, ସୃଜନ ସରୋବରରେ କବିତାର କୁମୁଦ ଫୁଟୁଥିବ, ସେତେଦିନ ଯାଏଁ ମନେ ପଡୁଥିବେ କ୍ରାନ୍ତିକାରୀ କବିତାର କାଳଜୟୀ ସ୍ରଷ୍ଟା ଯୁବକବି ବସନ୍ତ ମୁଦୁଲି।

**ତାଙ୍କ ଜୀବନ ପ୍ରଦୀପ ସିନା ନିର୍ବାପିତ ହୋଇଯାଇଛି, ହେଲେ ତାଙ୍କ ଜୀବନ ପ୍ରଦୀପରୁ ଆତ୍ମପ୍ରକାଶ କରିଥିବା ଶବ୍ଦମୟ ଇସ୍ତାହାର ସବୁ ଅନନ୍ତକାଳ ଯାଏଁ ଜୀବନ୍ମୟ ହୋଇ ବର୍ତ୍ତମାନର ଯୁବପିଢ଼ିକୁ ଦିଗ୍ ଦର୍ଶନ ଦେଉଥିବ।**

♥ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ - ୭୨୦୫୯୮୨୪୮୫




# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

ଡ. ସାରଙ୍ଗଧର ତ୍ରିପାଠୀ

## ୧୩ ଅଲାର କଲାମ ଓ ଉଦ୍ଦକ ରାମପୁତ୍ତ



ଯେତେବେଳେ ଯୁବରାଜ ସିଦ୍ଧାର୍ଥ ତାଙ୍କର ପ୍ରାସାଦ ଓ ବିଳାସପୂର୍ଣ୍ଣ ଜୀବନକୁ ପରିତ୍ୟାଗ କଲେ, ସେତେବେଳେ ଏକଥା ଶୁଣି ତାଙ୍କର ପାଞ୍ଚଜଣ ବନ୍ଧୁ ଗୃହତ୍ୟାଗ କରି ତାଙ୍କ ପରି ସନ୍ନ୍ୟାସୀ ହୋଇଗଲେ। ସେମାନଙ୍କ ମଧ୍ୟରେ କୋଣ୍ଡନ୍ନା ଥିଲେ ଜଣେ ଯୁବ ବିଜ୍ଞ ବ୍ୟକ୍ତି। ପ୍ରକୃତରେ ସେ ସମସ୍ତଙ୍କ ଠାରୁ ବହୁତ ଚତୁର ଥିଲେ। ଅନ୍ୟ ବିଜ୍ଞ ବ୍ୟକ୍ତିମାନେ ହେଲେ ଭିଦ୍ଦିୟ, ୱାପା, ମହାନାମା ଏବଂ ଆଶାଜୀ। ସେମାନେ ମଧ ଗେରୁଆ ବସ୍ତ୍ର ପରିଧାନ କଲେ ଏବଂ ଖାଦ୍ୟ ମାଗଣ ପୂର୍ବକ ସ୍ଥାନକୁ ସ୍ଥାନ ଘୂରିବୁଲିଲେ।

ତତ୍କାଳୀନ ଭାରତବର୍ଷରେ ଅନେକ ଧାର୍ମିକ ଗୁରୁ ଅବସ୍ଥାନ କରୁଥିଲେ। ସେମାନଙ୍କ ମଧରେ ଅଲାର କଲାମ ଥିଲେ ଶ୍ରେଷ୍ଠ ଓ ସୁପରିଚିତ। ତପସ୍ୱୀ ଗୌତମ ନିଜର ପଞ୍ଚସଖା ସହ ତାଙ୍କ ନିକଟକୁ ଶିକ୍ଷାଗ୍ରହଣ କରିବାକୁ ଗଲେ। ସେମାନେ ସେଠାରେ ରହି ସବୁ କିଛି ଶିକ୍ଷାକଲେ। ଅଲାର ତାଙ୍କୁ ବେଶ୍ ବିଶ୍ୱସ୍ତ ଓ ଆଜ୍ଞାକାରୀ ଭାବରେ ଶିକ୍ଷାଦାନ କରୁଥିଲେ। ପଞ୍ଚଶିଷ୍ୟ କଠିନ ପରିଶ୍ରମୀ ଏବଂ ଅତ୍ୟନ୍ତ ଚତୁର ଥିବାରୁ ଗୁରୁ ତାଙ୍କୁ ବହୁତ ପସନ୍ଦ କରୁଥିଲେ। ଶେଷରେ କଲାମ ଅଧିକ କିଛି ଶିକ୍ଷା ଦେଇନପାରି କହିଲେ -

"ବର୍ତ୍ତମାନ ତୁମେମାନେ ମୋ ସହ ସମାସ୍କନ୍ଧ। ଆମମାନଙ୍କ ମଧରେ କୌଣସି ପ୍ରଭେଦ ନାହିଁ। ଏଠାରେ ମୋ ସ୍ଥାନ ନେଇ ରହୁ ଏବଂ ମୋ ସହ ମୋର ଶିଷ୍ୟମାନଙ୍କୁ ଶିକ୍ଷାପ୍ରଦାନ କର।"

ତପସ୍ୱୀ ଗୌତମ ଆଶ୍ଚର୍ଯ୍ୟ ହୋଇ କହିଲେ, "ଆପଣ ମୋତେ ଆଉ ଅଧିକ ଶିକ୍ଷା ଦେଇପାରିବେନି ? ମୃତ୍ୟୁ, ରୋଗ ଏବଂ ବାର୍ଦ୍ଧକ୍ୟକୁ ରୋକିବାର ପଥ ସମ୍ପର୍କରେ ମୋତେ ଶିକ୍ଷା ଦେଇପାରିବେ ?"

ଅଲାର କହିଲେ, "ନା, ମୁଁ ପାରିବିନାହିଁ, ଯେହେତୁ ତାହା ମୁଁ ନିଜେ ଜାଣିନାହିଁ। ତେଣୁ ମୁଁ ତାହା ସମ୍ପର୍କରେ କିପରି ଶିକ୍ଷାଦେବି। ପୃଥିବୀରେ ଏମିତି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଏକଥା ଜାଣନ୍ତି।"

ତପସ୍ୱୀ ଗୌତମ ନିଜ ପାଞ୍ଚ ବନ୍ଧୁଙ୍କ ସହ ତାଙ୍କୁ (ଅଲାର) ତ୍ୟାଗ କଲେ। ସେମାନେ ସମଗ୍ର ରାଜ୍ୟ ବୁଲିବୁଲି ଗ୍ରହଣ କରିଥିବା ଶିକ୍ଷାକୁ ଅଭ୍ୟାସ କରିବାକୁ ଲାଗିଲେ। ଶେଷରେ ସେମାନେ ନିଜର ଚତୁରତା ନିମନ୍ତେ ବେଶ୍ ପ୍ରସିଦ୍ଧ ଅନ୍ୟ ଜଣେ ବିଖ୍ୟାତ ଗୁରୁଙ୍କ ସମ୍ପର୍କରେ ଶୁଣିବାକୁ ପାଇଲେ। ସେ ଉଦ୍ଦକ ରାମପୁତ୍ତ ନାମରେ ପରିଚିତ ଥିଲେ। ସେମାନେ ଯାଇ ଉଦ୍ଦକଙ୍କ ନିକଟରେ କିଛିଦିନ ରହି ଶିକ୍ଷାଗ୍ରହଣ କଲେ। ତପସ୍ୱୀ ଗୌତମ ସେଠାରେ ଅତି ବିଶ୍ୱସ୍ତତାର ସହ ଶିକ୍ଷାଗ୍ରହଣ କଲେ ଏବଂ ତାଙ୍କର ସର୍ବଶ୍ରେଷ୍ଠ ଶିଷ୍ୟରେ ପରିଗଣିତ ହେଲେ।

ଉଦ୍ଦକ ମଧ ତାଙ୍କୁ ଯନ୍ତ୍ରଣା, ବାର୍ଦ୍ଧକ୍ୟ ଓ ମୃତ୍ୟୁକୁ ରୋକିବାର ରାସ୍ତା ସମ୍ପର୍କରେ ଶିକ୍ଷା ଦେଇପାରିଲେ ନାହିଁ ଏବଂ କୌଣସି ବ୍ୟକ୍ତି ଏହି ସମସ୍ୟାର ସମାଧାନ କରିପାରିବ ବୋଲି ସେ ମଧ ଶୁଣିବାକୁ ପାଇଲେ ନାହିଁ। ତପସ୍ୱୀ ଗୌତମ ପୁନଶ୍ଚ ନିରାଶ ହେଲେ, ନିଜର ପଞ୍ଚସଖାଙ୍କ ସହ ଉଦ୍ଦକକୁ ଛାଡ଼ି ଚାଲିଆସିଲେ ଏବଂ ଜୀବନର ବିବିଧ ଯନ୍ତ୍ରଣାର କାରଣକୁ ଖୋଜି ନପାଇବା ପର୍ଯ୍ୟନ୍ତ ନିଜେ କଠିନ ପରିଶ୍ରମ କରିଚାଲିବାକୁ ମନସ୍ଥ କଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ରାଷ୍ଟ୍ରୀୟ ଏକତା ଦିବସ -୨୦୨୫ ପାଳିତ

## ଏକତା, ଅଖଣ୍ଡତା, ସାର୍ବଭୌମତା, ସୁରକ୍ଷା , ସମସ୍ତ ନାଗରିକଙ୍କ ଧ୍ୟେୟ ହେଉ: ବିଧାୟକ ଶ୍ରୀଯୁକ୍ତ ଜଗଦେବ

ଖୋର୍ଦ୍ଧା , ୧/୧୧ (ନି.ପ୍ର): ଭାରତ ବର୍ଷର ଗର୍ବ ଓ ଗୌରବ ଲୌହ ପୁରୁଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ବିଶାଳ ଗଣଦୌଡ ଆରକ୍ଷୀ ଅଧିକ୍ଷକ ଙ୍କ କାର୍ଯ୍ୟାଳୟ ରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ବି ଆର୍ ଆମ୍ବେଦକର ମାର୍ଗ ଓ ଶେଷମୁଣ୍ଡ ଛକ ଦେଇ ପୁନଶ୍ଚ ବି ଆର ଆମ୍ବେଦକର ମାର୍ଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଦେଇ ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର୍ ଷ୍ଟାଡିୟମରେ ପହଞ୍ଚି ଥିଲା । ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ କହିଲେ ଯେ ଖୋର୍ଦ୍ଧା ମାଟି ବୀର ପୁରୁଷ ମାନଙ୍କ ମାଟି । ଖୋର୍ଦ୍ଧାର ସ୍ୱାଧୀନତା ସଂଗ୍ରାମୀ ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳୀ ଓ ବହୁ ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ ବ୍ରିଟିଶ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରି ଥିଲା ଏବଂ ସେମାନଙ୍କୁ ପରାସ୍ତ କରିଥିଲା । ଭାରତ ଏକ ବହୁ ଭାଷା,ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ରାଷ୍ଟ୍ର ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଏକତା ବଜାୟ ରଖି ଦେଶକୁ ଆଗକୁ ବଢାଇବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅବିସ୍ମରଣିୟ ବୋଲି ଉତ୍ଥାପନ କରି ଏକତା, ଅଖଣ୍ଡତା, ସାର୍ଭୌମତା, ସୁରକ୍ଷା ପ୍ରତ୍ୟେକ ନାଗରିକ, ଯୁବ ସମାଜ, ଛାତ୍ର ସମାଜର ଧେୟ ହେଇବୋଲି ଅଭିଭାଷଣ ରଖିଥିଲେ । ସେହିପରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଏକତା ଗଣଦୌଡ଼ରେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଲେ ଯେ ଏକତା ହିଁ ଶକ୍ତି ର ମୁଳମଞ୍ଜି ଯାହା ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଆଦର୍ଶ ରୁ ପ୍ରମାଣିତ ମିଳେ । ଏଣୁ ସମସ୍ତ ଆମେ ଏକତା ସୂତ୍ରରେ ବାନ୍ଧି ହୋଇ ରହିଲେ ଆମ ଜିଲ୍ଲା ସମଗ୍ର ଦେଶରେ ଦୃଷ୍ଟାନ୍ତ ହେବ ବୋଲି ପ୍ରକାଶ କରିଥିଲେ । ସଭାପତି ଭାଷଣରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମା କହିଲେ ଯେ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲଙ୍କ ଙ୍କ ରାଷ୍ଟ୍ର ପାଇଁ ଅବଦାନ ଅତୁଳନୀୟ । ଭାରତ ସ୍ୱାଧୀନ ହେବା ପରେ ଏକତା ଓ ଅଖଣ୍ଡତା ଭାରତର କୋଣ ଅନୁକୋଣରେ ସମସ୍ତଙ୍କ ମନରେ ଉଦ୍ରେକ କରିବାରେ ପଟେଲଙ୍କ ଭୂମିକା ଉଲ୍ଲେଖନୀୟ । ଏହି ଏକତାକୁ ଆମେ ସମସ୍ତେ ବଜାୟ ରଖିଲେ ଆମ ବିଶାଳ ଭାରତଭୂଖଣ୍ଡ ସମଗ୍ର ବିଶ୍ୱରେ ମହାଶକ୍ତିରେ ପରିଣତ ହେବ ବୋଲି ଅଭିଭାଷଣ ରଖିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶ୍ରୀନୀବାସ ମହାନ୍ତି ସ୍ୱାଗତ ଭାଷଣ ଏକତା ଶପଥ ପାଠ କରାଇଥିବା ବେଳେ ଦିବସର ଏକତା ପଦଯାତ୍ରା ଓ ଗଣଦୌଡ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅନିଲ କୁମାର ମହାନ୍ତି, ରିଜର୍ଭ ଇନ୍ସପେକ୍ଟର ଅଫ ପୋଲିସ ଶ୍ରୀ ସତ୍ୟକାନ୍ତ ମନୋରଞ୍ଜନ ଜେନା,ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ପୋଲିସ୍ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିବା ବେଳେ ଗଣଦୌଡ ରେ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, କ୍ରୀଡାବିତ୍, ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।




# ଇନରହୁଇଲ ଜିଲ୍ଲା - ୩୨୬ର ଚେୟାରମେନ ଅଫିସିଆଲ ଭିଜିଟରେ ଆସିଲେ ଉଦଳା

ଉଦଳା, ୧/୧୧ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ିଉଠିଥିବା କ୍ଲବ ଇନରହୁଇଲ ଚଳିତ ବର୍ଷ ୭ ବର୍ଷ ବୟସରଙ୍କ ପଦାର୍ପଣ କରିଛି । କ୍ଲବର ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପ୍ରତିବର୍ଷ ପରି ଇନରହୁଇଲ ଜିଲ୍ଲା-୩୨୬ର ଚେୟାରମେନ ଆଜି ନଭେମ୍ବର ୧ ତାରିଖ ଶନିବାର ଦିନ ଅଫିସିଆଲ ଭିଜିଟରେ ଉଦଳା ଆସିଥିଲେ । ଏଥିପାଇଁ ହୋଟେଲ ସିପ୍ରୋନ ପରିସରରେ କ୍ଲବ ତରଫରୁ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା । ଉକ୍ତ ଉତ୍ସବ ଅବସରରେ ଆୟୋଜିତ ସାଧାରଣ ସଭାରେ ଉଦଳା କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକ ଅଧକ୍ଷତା କରି ବିଗତ ୭ ବର୍ଷର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଏହାପରେ କ୍ଲବର ସଂପାଦିକା ମୀନାକ୍ଷି ମହାନ୍ତି ବିବରଣି ପାଠ କରିବା ସହ ଆଗାମୀ ଦିନରେ ହାତକୁ ନିଆଯିବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ କ୍ଲବ ତରଫରୁ ପ୍ରଥମ ଥର ପାଇଁ ପ୍ରକାଶ ପାଇଥିବା ବାର୍ଷିକ ମୁଖପତ୍ର 'ନାରୀ ଶକ୍ତି'କୁ ମଂଚାସୀନ ଅତିଥି ମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ କ୍ଲବରେ ନୂଆ କରି ଯୋଗଦେଇଥିବା ସଦସ୍ୟା ମନୋରମା ଜେନାଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସ୍ୱାଗତ ଜଣାଯାଇଥିଲା । ଏହାପରେ ଇନରହୁଇଲ ଜିଲ୍ଲା -୩୨୬ର ଚେୟାରମେନ ତଥା ଆଜିର ଉତ୍ସବର ମୁଖ୍ୟ ଅତିଥି ମଧୁସ୍ମିତା ତ୍ରିପାଠୀ, ସମଗ୍ର ପୃଥିବୀରେ ୧୦୦ଗୋଟି ଦେଶରେ ଇନରହୁଇଲ କ୍ଲବ କିପରି କାର୍ଯ୍ୟକରୁଛି ଏବଂ ବିଶ୍ୱର ସର୍ବବୃହତମ ମହିଳା ସଂଗଠନ ଭାବରେ କିପରି ତାର ପରିଚୟ ସୃଷ୍ଟି କରିପାରିଛି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ଉଦଳା କ୍ଲବର ସ୍ନେହମମତାକୁ ମୁଁ କେବେ ଭୁଲିପାରିବି ନାହିଁ ଏବଂ ଏହାହିଁ ଏଠାରେ ଏକ ନୂଆ ସମ୍ଭାବନାର ବାର୍ତ୍ତା ଦେଉଛି ବୋଲି ଚେୟାରମେନ ଶ୍ରୀମତୀ ତ୍ରିପାଠୀ ଆଶାବାନ୍ଧିଥିବାର କଥାର କଥା ପ୍ରକାଶ କରିଥିଲେ । ଉଦଳା କ୍ଲବର ଉପସଭାପତି ମମତା ସାହୁ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ମମତା ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଗୀତାଶ୍ରୀ ରାୟ, ସୁଜାତା ବିଶ୍ୱାଳ, ଅରୁପମା ମହାପାତ୍ର, ଦିଗବାଳା ପରିଡ଼ା, ଅନ୍ନପୂର୍ଣ୍ଣା ପଣ୍ଡା, ସୁବାସିନି ପୁଥାଳ, ପ୍ରମୋଦିନି ମହାପାତ୍ର, ରଶ୍ମିମାଳା ପଣ୍ଡା, ପୁଷ୍ପଲତା ପଣ୍ଡା, ସରିତା ରାଉତ, ପ୍ରତିଭା ଘଡ଼େଇ, ସୁଭଦ୍ରା ରାଉତ, ଅନୁରାଧା କବାଟ ପ୍ରମୁଖ ସହଯୋଗ କରିଥିଲେ । ଉଦଳା ରୋଟାରି କ୍ଲବର ସଦସ୍ୟ ଓ ଗଣମାଧ୍ୟମର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।




## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମନ୍ଦିରରେ ଭୟଙ୍କରେ...

ଯେ ଏକାଦଶୀ ଉପଲକ୍ଷେ ଆଜି ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା । ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ଥିବାରୁ ଠେଲାପେଲା ହୋଇଥିଲା । ଏହି ସମୟରେ ଦଳାଚକାଟା ସ୍ଥିତି ଦେଖିବାକୁ ମିଳିଛି । ଅନେକ ଶ୍ରଦ୍ଧାଳୁ ଆହତ ହୋଇଥିବା ବେଳେ ସେମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦଳାଚକଟା ସମ୍ପର୍କରେ ଖବର ପାଇ ପୁଲିସ୍ ଓ ଜରୁରୀ ସେବାରେ ଥିବା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରିଛନ୍ତି । ରାଜ୍ୟ କୃଷି ମନ୍ତ୍ରୀ କେ ଅତଚନ ନାଇଡୁ ଘଟଣା ପରେ ତୁରନ୍ତ ମନ୍ଦିରରେ ପହଞ୍ଚି ସ୍ଥିତି ଆକଳନ କରିଛନ୍ତି । ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ ଓ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ପୁଲିସ୍ ଫୋର୍ସକୁ ମତୟନ କରାଯାଇଛି । ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଜୀବନ ଯିବା ଅତ୍ୟନ୍ତ ଦୃଦୟବିଦାରକ ବୋଲି ସେ କହିଛନ୍ତି । ମୃତଙ୍କ ପରିବାର ବର୍ଗଙ୍କ ପ୍ରତି ସେ ଶୋକ ପ୍ରକାଶ କରିବା ସହ ଆହତଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ସବୁଠୁ ଓଜନ ସାଟେଲାଇଟ୍ ...

୪୩.୫ ମଟର ଉଚ୍ଚର ଉକ୍ତ ବାହୁବଳୀ ରକେଟକୁ ସମ୍ପୂର୍ଣ୍ଣ ଆସେମ୍ବ୍ଲି କରାଯବା ସହ ଏୟାରକ୍ରାଫ୍ଟରେ ସଂଯୋଗ କରାଯାଇଛି । ଲଞ୍ଚ୍ ପୂର୍ବରୁ ଏହାକୁ ଦ୍ୱିତୀୟ ଲଞ୍ଚ୍ ପ୍ୟାଡ୍‌କୁ ନିଆଯିବ ବୋଲି ବେଙ୍ଗାଲୁରୁସ୍ଥିତ ସ୍ପେସ୍ ଏଜେନ୍ସି କହିଛି ।

### ବଦଳିଲା ଫାସଟ୍ୟାଗ୍ ନିୟମ...

ଯେଉଁଥି ପାଇଁ ସିଷ୍ଟମରେ ବିଭ୍ରାଟ ଉପୁଜୁଥିଲା । ସେଥିପାଇଁ ଏନଏଚଏଆଇ ଏବେ କେୱାଇଭିକୁ ବାଧ୍ୟତାମୂଳକ କରିଛନ୍ତି । ଏହାର ଅର୍ଥ ହେଉଛି ପ୍ରତ୍ୟେକ ଫାସଟ୍ୟାଗ ସେହି ଗାଡ଼ି ସହିତ ଯୋଡି ହୋଇ ରହିବ ତାହା ଯେଉଁ ଗାଡ଼ି ପାଇଁ ହୋଇଛି । ଏଥିରୁ ଏହା ବି ସୁନିଶ୍ଚିତ ହୋଇ ପାରିବ ଯେ ଛୋଟ ଗାଡ଼ିରେ ଭାରୀ ଯାନ ପାଇଁ ହୋଇଥିବା ଫାସଟ୍ୟାଗ୍ ଯେପରି ଉପଯୋଗ ନ ହୁଏ । ଏଣୁ କେୱାଇଭି ପ୍ରକ୍ରିୟାକୁ ବେଶ ରଳ କରାଯାଇଛି । ଏଥିପାଇଁ ଗାଡ଼ି ମାଲିକଙ୍କୁ ସେମାନଙ୍କ ଗାଡ଼ିର ରେଜିଷ୍ଟ୍ରେସନ ସାର୍ଟିଫିକେଟ୍ , ପରିଚୟ ପତ୍ର ଯଥା-- ଆଧାର, ପାନ୍ ଅଥବା ପାସପୋର୍ଟ) ଓ ନିଜର ସଦ୍ୟ ଉଠାଯାଇଥିବା ଫଟୋ ଅପଲୋଡ କରିବାକୁ ପଡିବ । ଏହି ଭେରିଫିକେସନ ଆପଣଙ୍କୁ ଯେଉଁଥିରେ ଫାସଟ୍ୟାଗ୍ ଦିଆଯାଇଥିଲା ସେହି ବ୍ୟାଙ୍କ ୱେବସାଇଟ୍ ଅଥବା ଆପ୍ ଜରିଆରେ ମଧ୍ୟ କରିପାରିବେ । ସରକାରଙ୍କ କହିବା କଥା ଏହାଦ୍ୱାରା ଚୋରି ଅଥବା ବିକ୍ରି ହୋଇଥିବା ଗାଡିକୁ ଟ୍ରାକ୍ କରିବା ସହଜ ହେବ । ଶୃଙ୍ଖଳିତ ଟୋଲ ଆଦାୟ ହେବ ଓ ଡିଜିଟାଲ ଟୋଲ ସିଷ୍ଟମରେ ପାରଦର୍ଶିତା ବଢିବ । ଏହି ଭେରିଫିକେସନ ସେ ପର୍ଯ୍ୟନ୍ତ ଭାଲିଡିଟି ରହିବ ଯେଉ ପର୍ଯ୍ୟନ୍ତ ଗାଡିର ମାଲିକାନା ନ ବଦଳିଛି । ଗାଡ଼ି ଯଦି ବିକ୍ରି କରାଯାଏ ଅଥବା ନୂଆ ରେଜିଷ୍ଟ୍ରେସନ ହୁଏ ତେବେ ଗାଡ଼ି ମାଲିକଙ୍କୁ ନୂଆ କେୱାଇଭି କରିବା ଆବଶ୍ୟକ ।

# ରାଜ୍ୟ ଭାରୋତ୍ତଳ ପ୍ରତିଯୋଗିତା

## ବଲାଙ୍ଗିର ଝିଅ ସୁନୈନାଙ୍କୁ ରୌପ୍ୟ ପଦକ

ବଲାଙ୍ଗିର, ୧/୧୧ (ନି.ପ୍ର): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଥିବା ୭୨ତମ ଓଡିଶା ରାଜ୍ୟ ଭାରୋତ୍ତଳ ପ୍ରତିଯୋଗିତା ରେ ବଲାଙ୍ଗିର ଝିଅ ସୁନେନା ବେହେରା ଙ୍କୁ ରୌପ୍ୟ ପଦକ ମିଳିଛି । ଗତ ୨୮ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସୁନୈନା ବେହେରା ବଲାଙ୍ଗିର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିଥିଲେ । ସେ ୮୮ କେଜି ବର୍ଗରେ ସୁନ୍ଦର ପ୍ରଦର୍ଶନ କରି ସ୍ନାଚ ଓ କ୍ଲିନ ଜାର୍କ ରେ ୧୦୯ କେଜି ଭାରତୋଳନ କରି ରୌପ୍ୟ ପଦକ ବିଜୟି ହୋଇଛନ୍ତି । ବଲାଙ୍ଗିର ଜିଲ୍ଲା ତରଫରୁ ଏହି ପ୍ରତିଯୋଗିତାରେ କେବଳ ୪ଜଣ ଝିଅ ଭାଗ ନେଇଥିଲେ । ଦଳ ସହିତ ଭାରତୋଳନ କୋଚ ତଥା ଜିଲ୍ଲା ସଂପାଦକ ବିନୟ ପାଣ୍ଡେ ଏବଂ ଜିଲ୍ଲା ସଭାପତି ତଥା ଭରୋତ୍ତଳ ରାଜ୍ୟ ସଂଘ ମାନ୍ୟତା ପ୍ରାପ୍ତ ରେଫରି ସୁଦାମ ବେହେରା ଏହି ବଲାଙ୍ଗିର ଜିଲ୍ଲା ଦଳ ସହ ସାମିଲ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବଲାଙ୍ଗିର ଝିଅ ସୁନୈନା ବର୍ତ୍ତମାନ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସ୍ଥିତ ଭାରୋତ୍ତଳନ ର ଉତ୍କର୍ଷ ତାଲିମ କେନ୍ଦ୍ର ରେ ଅଭ୍ୟାସରତ ଅଛନ୍ତି ।

**AFFIDAVIT**

By virtue of an affidavit before the executive Magistrate Basudevpur, I the undersigned Ramesh Malik Son of Laxman Malik permanent resident of At-Badhanathpur, P.o-Mandari, P.s.-Basudevpur, Dist-Bhadrak, Pin- 756125 state that I have changed my name from Debu Malik to Ramesh Malik. Henceforth I shall be known as Ramesh Malik for all purposes.

**Ramesh Malik**

# ଶିବାଜୀ କ୍ଲବ ତରଫରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳିତ

ବେତନଟୀ, ୧/୧୧ (ନି.ପ୍ର): ବେତନଟୀର ଶିବାଜୀ କ୍ଲବ ତରଫରୁ କଙ୍କାକାଳିଆ ଛକ ଦମୟନ୍ତୀ ମଣ୍ଡପରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ପାଳନ ଉତ୍ସବ ପ୍ରାରମ୍ଭରେ ଶିବାଜୀ କ୍ଲବର ପ୍ରତିଷ୍ଠାତା ଦିବଂଗତ ଗୌରମୋହନ ମହାନ୍ତ, ଦିବଂଗତ ପୂର୍ବତନ ସଭାପତି ଦେବାନନ୍ଦ ମହାନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସେମାନଙ୍କର ସ୍ମୃତିଚାରଣ କରାଯାଇଥିଲା ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ, ଧୂପ ଦୀପ ପ୍ରଦାନ କରି ଜୟନ୍ତୀ ପାଳନ ଆରମ୍ଭ କରାଯାଇଥିଲା । ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ଉତ୍ସବରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ତଥା ଶିବାଜୀ କ୍ଲବର ଉପସଭାପତି ସର୍ବେଶ୍ୱର ମହାନ୍ତ, ଶିକ୍ଷାବିତ ଗଙ୍ଗାଧର ମହାନ୍ତ, କବୟିତ୍ରୀ ସୁମତି ମହାନ୍ତ, ପଦ୍ମମାଳୀ ମହିଳା ସଂଗଠନର ଗୀତାଞ୍ଜଳୀ ଭୂୟାଁ, ଅନିନ୍ଦିତା ସାହୁ, ସୋନା ଖାତୁନ, ପିଙ୍କି ସ୍ୱାଇଁ, ହରିପ୍ରିୟା ଦାସ, ରୋଜାଲିନ ସାହୁ, ମିନତୀ ସାହୁ,କୁମୁଦିନୀ ମହାନ୍ତ ପ୍ରମୁଖ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ କାହାଣୀ ବିଷୟରେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିବାଜୀ କ୍ଲବର କୋଷାଧକ୍ଷ ଉପେନ୍ଦ୍ରନାଥ ମହାନ୍ତ, ସଦସ୍ୟ ଲକ୍ଷ୍ମୀଧର ମହାନ୍ତ, କରୁଣାକର ମହାନ୍ତ, ଧୀରେନ କୁମାର ମହାନ୍ତ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ଶିବାଜୀ କ୍ଲବର ସମ୍ପାଦକ ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଇଂରାଜୀ ଔପନ୍ୟାସିକ ଶିକ୍ଷାବିତ୍ ଡ. ଧରଣୀଧର ସାହୁଙ୍କ ସ୍ମୃତି ସଭା

ଭୁବନେଶ୍ୱର ୧/୧୦ : "ଧରଣୀଧର ସାହୁଙ୍କ ଉପନ୍ୟାସ ଓ ଗଳ୍ପ ମାନବିକ ମୂଲ୍ୟବୋଧ ଓ ଆଧାତ୍ମିକ ଚେତନାରେ ପରିପୁଷ୍ଟ । ରହସ୍ୟମୟ ଜୀବଜଗତ ସହ ମଣିଷର ଚେତନାଗତ ସଂଘାତ ଓ ଏହାର ପରିବର୍ତ୍ତନ ଓ ଜଡ଼ତାକୁ ନେଇ ଦାର୍ଶନିକ ବିଶ୍ଳେଷଣ ଦେଖିବାକୁ ମିଳେ ତାଙ୍କ ଲେଖାମାନଙ୍କରେ" ବୋଲି ପ୍ରଥିତଯଶା କଥାକାର ଓ ଔପନ୍ୟାସିକ ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ କେଶୁରା ଛକ ନିକଟସ୍ଥ ପଲ୍ଲବୀ ମଣ୍ଡପଠାରେ ଗତକାଲି ରାତ୍ରିରେ ସୁନାମଧନ୍ୟ କଥାକାର ଓ ଔପନ୍ୟାସିକ ମନୋଜ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଇଂରେଜୀ ଔପନ୍ୟାସିକ ଓ କଥାକାର ସ୍ୱର୍ଗତଃ ଡକ୍ଟର ଧରଣୀଧର ସାହୁଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରି କଥାକାର ତରୁଣକାନ୍ତି ମିଶ୍ର କହିଲେ "ଧରଣୀଧର ସାହୁ କେବଳ ଜଣେ ଇଂରାଜୀ ଔପନ୍ୟାସିକ କି ଗାଳ୍ପିକ ନୁହଁନ୍ତି ସେ ଓଡ଼ିଆରେ ମଧ ବହୁ ଉଚ୍ଚକୋଟୀର କବିତା ଲେଖିଛନ୍ତି । "ସ୍ମୃତି ଓ ସଙ୍କେତ" କବିତା ସଙ୍କଳନରେ ପ୍ରାୟ ସମସ୍ତ କବିତା ମାନବ ଜୀବନ ଦର୍ଶନର ସମସ୍ତ ଦିଗକୁ ସ୍ପର୍ଶ କରିଛନ୍ତି ।" ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଖ୍ୟାତନାମା ସାହିତ୍ୟିକ ତଥା ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି ଧରଣୀଧର ସାହୁଙ୍କ ଉପନ୍ୟାସ ଓ କବିତା ଉପରେ ଆଲୋକପାତ କରି କହିଲେ - " ଅତ୍ୟନ୍ତ ଶାନ୍ତ, ସରଳ, ସ୍ୱଳ୍ପଭାଷୀ ଧରଣୀ ଯେ ଇଂରାଜୀ ସାହିତ୍ୟରେ ଏତେ ବ୍ୟାପ୍ତ, ପରିବ୍ୟାପ୍ତ କଳନା କରିବା କଷ୍ଟ । ତାଙ୍କର ଇଂରାଜୀ ଭାଷାର ପ୍ରୟୋଗ ଓ ଶୈଳୀ ଖୁବ୍ ଆକର୍ଷଣୀୟ ।" ଅନ୍ୟତମ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର ହିମାଂଶୁ ଶେଖର ମହାପାତ୍ର "ସାହିତ୍ୟରେ ଦାର୍ଶନିକ ଚେତନା ଓ ମାନବିକ ସମ୍ବେଦନଶୀଳତା ଧରଣୀଧର ସାହୁଙ୍କ ଗଳ୍ପ-ଉପନ୍ୟାସରେ ପରିପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ସାହିତ୍ୟର ପ୍ରଫେସର ତଥା ଅନୁବାଦକ ଡକ୍ଟର ଯତୀନ କୁମାର ନାୟକ, ଖ୍ୟାତନାମା ନାଟ୍ୟକାର ଡକ୍ଟର ରମେଶ ଚନ୍ଦ୍ର ପାଣିଗ୍ରାହୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ସୁନାମଧନ୍ୟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ପ୍ରଶାସକ ପ୍ରଦୀପ କୁମାର ରଥ, ବିଶିଷ୍ଟ କଥାକାର ପ୍ରଫେସର ଡକ୍ଟର ଗୁରୁଚରଣ ବେହେରା, ପ୍ରଫେସର ଡକ୍ଟର ଦୀପ୍ତିରଞ୍ଜନ ପଟ୍ଟନାୟକ, ପ୍ରଫେସର ଡକ୍ଟର ଏ. ରାଜାରାଓ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ତଥା ପ୍ରଗତିଶୀଳ କବି ଅଶ୍ୱିନୀ ମିଶ୍ର, ପ୍ରଫେସର ସତ୍ୟରଞ୍ଜନ ମିଶ୍ର, ଧରଣୀଧର ସାହୁଙ୍କ ପ୍ରଥମ ପିଏଚ୍‌ଡି ସ୍କଲାର ପ୍ରଫେସର ଡକ୍ଟର ବଳଭଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ଅଧକ୍ଷ ନିରଞ୍ଜନ ଶତପଥି, ଅବସରପ୍ରାପ୍ତ ଅଧକ୍ଷ ଧ୍ରୁବଚରଣ ଖୁଣ୍ଟିଆ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ଅଧକ୍ଷ ଭୀଷ୍ମଚରଣ ରଥ ସ୍ମୃତିସଭାରେ ଅତିଥିଭାବେ ଯୋଗଦାନ କରି ଧରଣୀଧର ସାହୁଙ୍କ ସାହିତ୍ୟ ଓ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ । ଏହି ସ୍ମୃତିସଭାକୁ ବରିଷ୍ଠ କବି ଓ ସ୍ତମ୍ଭକାର ନିରାକାର ଦାସ ସଂଚାଳନା କରିଥିଲେ । ଶେଷରେ ସ୍ୱର୍ଗତଃ ସାହୁଙ୍କ ପୁତ୍ର ଅୟସକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ମୃତିସଭାରେ ଲେଖକ ଇ. ଦିନେଶ ମାଲି, ଖ୍ୟାତନାମ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥି, ବିଶିଷ୍ଟ ଅନୁବାଦକ ବଙ୍ଗାଳୀ ନନ୍ଦ, ବରିଷ୍ଠ କବି ବୈକୁଣ୍ଠନାଥ ସାହୁ, ପ୍ରଫେସର ଡକ୍ଟର ରାମନାରାୟଣ ପଣ୍ଡା, ସ୍ୱର୍ଗତଃ ସାହୁଙ୍କ ପତ୍ନୀ ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା କନକ ମଞ୍ଜରୀ ସାହୁ, ଦୁଇଝିଅ ଲୋପାମୁଦ୍ରା ଓ ମୋନାଲିସା, ଜ୍ୱାଇଁ ଦେବବ୍ରତ ବେହେରା ଓ ସନ୍ଦୀପ ସାହୁ, ବୋହୁ ସୁସ୍ମିତା ସାହୁ ସମେତ ବହୁ ବିଶିଷ୍ଟ କବି, କଥାକାର, ଔପନ୍ୟାସିକ, ଶିକ୍ଷାବିତ୍, ନାଟ୍ୟକାର, ପ୍ରାବନ୍ଧିକ ଏହି ସ୍ମୃତିସଭାରେ ଯୋଗଦାନ କରିଥିଲେ ।




# ଫକୀର ମୋହନ ପୁରାତନ ଛାତ୍ର ସଂସଦ ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବାଲେଶ୍ୱର, ୧/୧୧ (ନି.ପ୍ର): ଫକୀର ମୋହନ ପୁରାତନ ଛାତ୍ର ସଂସଦ ପକ୍ଷରୁ କଲେଜ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ପ୍ରଫେସର ଦିନେଶ ଦାସ ଏହାକୁ ଉଦଘାଟନ କରିଥିବା ବେଳେ ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିର ରେ ୧୯୦ଜଣ ଛାତ୍ରୀଙ୍କର ରକ୍ତ ନମୁନା ପ୍ରାଧ୍ୟାପିକା ମିନତି ସେଠୀ ଙ୍କ ତତ୍ତ୍ୱାବଧାନରେ ଆଲ ମ୍ବିକ କମ୍ପାନୀ ମନ୍ମୟ ବାବୁଙ୍କ ଦ୍ୱାରା ପରୀକ୍ଷା କରାଯାଇ ହିମୋଗ୍ଲୋବିନ ରିପୋର୍ଟ ପ୍ରଦାନ କରାଯାଇଥିଲା । ଆଲୁମିନର ସଭାପତି ତଥା ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀ ରିପୋର୍ଟ ଦେଖି ମେଡିସିନ ଲେଖି ଛାତ୍ରୀଙ୍କୁ ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ । ଏଇ ସ୍ୱାସ୍ଥ୍ୟ ଶିବିରକୁ ଶ୍ରୀଯୁକ୍ତ ମଧୁସୂଦନ ବେହେରା, ରାମ ପ୍ରସାଦ ପ୍ରଧାନ,ରମାକାନ୍ତ ମହାନ୍ତି, ଅମୃତାଂଶୁ ପଟ୍ଟନାୟକ,ଡାକ୍ତର ସୁଧାଂଶୁ ପରିଡ଼ା, ରାମ ଚନ୍ଦ୍ର ସେଠୀ,ପୀତାମ୍ବର ଦାସ ଓ ପାର୍ଥ ସାରଥୀ ଆଶ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଆଲୁମ୍ନିର ସଂଗଠକ ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ଘୋଷ ଧନ୍ୟବାଦ୍ ଅର୍ପଣ କରିଥିଲେ ।




# ଜିଲ୍ଲା ଓ ଜୋନାଲ ସ୍ତରରେ ଶୀର୍ଷ ପଦକ: ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ପାଇଲେ ଜଳେଶ୍ୱରର ଝିଅ ଶ୍ରୀୟାଶ୍ରୀ ସାଇସ୍ମିତା କର

ଜଳେଶ୍ୱର, ୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲଟି ଅଂଚଳର ଝିଅ ଶ୍ରୀୟାଶ୍ରୀ ସାଇସ୍ମିତା କର କଳା ଉତ୍ସବ ୨୦୨୫ରେ ଉତ୍କୃଷ୍ଟ ସଫଳତାରେ ଜିଲ୍ଲା ଓ ଜୋନାଲ ସ୍ତରରେ ଶୀର୍ଷ ପଦକ,ରାଜ୍ୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ।ଶ୍ରୀୟାଶ୍ରୀ ସାଇସ୍ମିତା କର ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନରେ ଥିବା କାଳିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଅଟନ୍ତି ।ଜଳେଶ୍ୱର ଅନ୍ତର୍ଗତ ସାନ୍ତିଆ ଗ୍ରାମର ସ୍ୱର୍ଗତ କେଶବ କୁମାର କର ଏବଂ କାଳିକ ପଞ୍ଚାୟତର ଗୋପାଳ ଚନ୍ଦ୍ର ଜେନାଙ୍କର ସେ ନାତୁଣୀ ତଥା ରାଜୀବ କୁମାର କର ଓ ବିଦ୍ୟୁତ୍ ଲତା କରଙ୍କର ସେ ସୁପୁତ୍ରୀ ଅଟନ୍ତି ।ସେ କଳା ଉତ୍ସବ ୨୦୨୫ରେ ଅଂଶ ଗ୍ରହଣ କରି ତାଙ୍କର ଶ୍ରେଷ୍ଠ ନୃତ୍ୟ ଦକ୍ଷତା ଦ୍ୱାରା ଜିଲ୍ଲାରୁ ରାଜ୍ୟ ପର୍ଯ୍ୟନ୍ତ ସମ୍ମାନ ଉପାର୍ଜନ କରିଛନ୍ତି ।ଏବେ ସେ ଜଳେଶ୍ୱରରେ ଥିବା ନୃତ୍ୟଶିକ୍ଷା ଫାଉଣ୍ଡେସନରୁ ନୃତ୍ୟ ଅଧ୍ୟୟନ କରୁଛନ୍ତି । ତାଙ୍କର ନୃତ୍ୟ ଗୁରୁ ଶ୍ରୀ ସୁଶାନ୍ତ କୁମାର ବେହେରା ହେଉଛନ୍ତି ତାଙ୍କର ମୁଖ୍ୟ ପ୍ରେରକ ଓ ପରିଚାଳକ ।ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ତଥା ଶିକ୍ଷକ ଏବଂ ଗୁରୁଜନମାନଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ତାଙ୍କ ସଫଳତାର ମୁଖ୍ୟ ଭୂମିକା ନେଇଛି ବୋଲି ସେ କହିଛନ୍ତି ।ସେ ଅକ୍ଟୋବର ୧୩ ତାରିଖରେ ବ୍ଲକ୍ ସ୍ତରରେ,୧୬ ତାରିଖ ଜିଲ୍ଲା ସ୍ତରରେ ଏବଂ ୧୭ ତାରିଖ ଜୋନାଲ ସ୍ତରରେ ଏକକ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ସେ ମନୋନୀତ ହୋଇଥିଲେ । ଅକ୍ଟୋବର ୨୨ ଏବଂ ୨୩ ରେ ରାଜ୍ୟ ସ୍ତରୀୟ କଳା ଉତ୍ସବ ଭୁବନେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୟୁନିଟ୍ ୬ ରେ ଆୟୋଜିତ ହୋଇଥିଲା । ସେଠାରେ ସେ କଟକ, ସମ୍ବଲପୁର, ଖୋର୍ଦ୍ଧା, କୋରାପୁଟ ଏବଂ ବରଗଡ଼ରୁ ଆସିଥିବା ନବମ,ଦଶମ, ଏକାଦଶ ଓ ଦ୍ୱାଦଶ ଛାତ୍ର ଛାତ୍ରୀମାନଙ୍କ ସହ ପ୍ରତିଯୋଗିତା କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ।ଏହା ହେଉଛି ଆମ ବାଲେଶ୍ୱର ଜିଲ୍ଲା ତଥା ଜଳେଶ୍ୱର ପାଇଁ ଏକ ଗର୍ବର ବିଷୟ ।ତାଙ୍କୁ ସବୁ ମହଲରୁ ଶୁଭେଚ୍ଛାର ବାର୍ତ୍ତାର ସୁଅ ଛୁଟୁଛି ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି: ଅସୁରକ୍ଷିତ ଖଇରାବାସୀ

ଖଇରା, ୧/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଥିବା ୨୪ପଞ୍ଚାୟତରେ ଆଇନଶୃଙ୍ଖଳା ପରିସ୍ଥିତି ଧୀରେ ଧିରେ ବିପର୍ଯ୍ୟସ୍ତ ହୋଇ ପଡୁଛି । ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଚୋର ମାନେ ଗୋଟିଏ ଗୋଟିଏ ଚୋରୀ ଘଟଣା ଘଟାଇ ଚାଲିଛନ୍ତି । ଏଭଳିକି ପୋଲିସ ତଦନ୍ତ ର କିଛି ଘଣ୍ଟା ପରେ ପୁଣି ଖଇରା ଗଗନଧୂଳି ପଞ୍ଚାୟତର ୩ମନ୍ଦିରରୁ ଅଳଙ୍କାର ଚୋରି କରି ଦୁବୃତ୍ତ ମାନେ ପୋଲିସ ଓ ଜନସାଧାରଣଙ୍କ ନିଦ ହଜାଇ ଦେଇଛନ୍ତି । ଖଇରା ଥାନା ଅଧୀନରେ ଅସୁରକ୍ଷିତ ମଣୁଥିବା ୨୪ ପଞ୍ଚାୟତ ର ଅଧିବାସୀ ଖଇରା ରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସଜାଡିବାକୁ ଏସପି,ଡିଆଜିଙ୍କ ନିକଟରେ ଦାବୀ କରିଛନ୍ତି । ଚୋରମାନେ ୩ ଦିନ ତଳେ ମହତୀପୁର ଓ ସୁଣ୍ଢିରା ପଞ୍ଚାୟତର ୬ଟି ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ହୁଣ୍ଡିବାକ୍ସକୁ ଲୁଟି ନେଇଥିଲେ । ଚୋର ଧରିବା ଲକ୍ଷରେ ଶୁକ୍ରବାର ଜିଲାରୁ ସନ୍ଧାନୀ କୁକୁର ଅଣାଯାଇ ତଦନ୍ତ କରାଯାଇଥିଲା । ଏଥିରେ ଜନସାଧାରଣ ସାମାନ୍ୟ ଆଶ୍ୱସ୍ଥ ହୋଇଥିଲେ । ହେଲେ ଚୋର ମାନଙ୍କୁ ଏଭଳି ତଦନ୍ତ କିଛି ଫରକ ପକାଇନଥିଲା । ଶୁକ୍ରବାର ରାତିରେ ଦୁବୃତ୍ତ ମାନେ ଗଗନଧୂଳୀ ପଞ୍ଚାୟତ ଅଧୀନ ଗଣ୍ଡୁଆ ଗ୍ରାମର ବଳିବାସୁଳି ମନ୍ଦିର ଓ ରଫାୟାତପୁର ଗ୍ରାମର ଲକ୍ଷ୍ମୀନାରାୟଣ ମନ୍ଦିର ଓ ଜଗନ୍ନାଥ ମନ୍ଦିରରୁ ଠାକୁରଙ୍କର ସମସ୍ତ ପିନ୍ଧା ଅଳଙ୍କାର ଓ ହୁଣ୍ଡିରେ ଥିବା ଦାନଅର୍ଥ ନେଇ ପଳାଇଛନ୍ତି । ଯାହାର ବୁଧବାର ଚୋରୀ ଘଟଣାରେ ଅଭିଯୋଗକୁ ୬୦ଘଣ୍ଟା ପୁରୁଥିଲେ ହେଁ ଏ ପର୍ଯ୍ୟନ୍ତ ଜଣେ ହେଲେ କେହି ଧରାପଡିନାହାଁନ୍ତି । ଏ ସମ୍ପର୍କରେ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କ ପ୍ରତିକ୍ରିୟା ନେବାରେ ଚୋର ଧରିବା ପାଇଁ ପୋଲିସ ର ପ୍ରୟାସ ଜାରି ରହିଛି । ତେବେ ବାହାରୁ ଆସି ଖଇରା ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିବା ଓ ଫେରି କରୁଥିବା ବ୍ୟକ୍ତିଙ୍କର ଏଥିରେ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି ।

## ଛଅ ମାସ ପରେ ଖୋଲିଲା କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟ

ଭୁବନେଶ୍ୱର, ୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟ ଛଅ ମାସ ପରେ ଶନିବାର ଦିନ ପର୍ଯ୍ୟଟକମାନଙ୍କ ପାଇଁ ପୁନର୍ବାର ଖୋଲାଯାଇଛି । ଜୁନ୍ ମାସରୁ ବନ୍ଦ ଥିବା ଏହି ଅଭୟାରଣ୍ୟ ଏବେ ନୂଆ ପର୍ଯ୍ୟଟନ ଋତୁର ଆରମ୍ଭ ସହିତ ଆଗନ୍ତୁକମାନଙ୍କୁ ସ୍ୱାଗତ କରିଛି । ବନ ରେଞ୍ଜର-ତଥା-ସହାୟକ ବନ ସଂରକ୍ଷକ ସୁବ୍ରତ କୁମାର ବେହେରା କହିଛନ୍ତି ଯେ, ଅଭୟାରଣ୍ୟକୁ ସରକାରଙ୍କ ନିର୍ଦ୍ଦେଶାନୁସାରେ ପୁନଃ ଖୋଲାଯାଇଛି ।

ସେ କହିଛନ୍ତି ଯେ, ପ୍ରତି ବର୍ଷ ଭଳି ଏହି ବର୍ଷ ମଧ ୧ ନଭେମ୍ବରରୁ କୁଲଡିହା ବନ୍ୟଜନ୍ତୁ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯାଇଛି । ଆଗନ୍ତୁକମାନେ ରିସିଆ ନେଚର କ୍ୟାମ୍ପ, ରିସିଆ ବନ୍ଧ ଏବଂ ଚାରିପାଖରେ ଥିବା ଜଳପ୍ରପାତଗୁଡିକର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ସେମାନେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଆଣାଯାଇଥିବା ହରିଣମାନଙ୍କୁ ମଧ ଦେଖିପାରିବେ, ଯାହାର ସଂଖ୍ୟା ସମୟ ସହିତ ବୃଦ୍ଧି ପାଇଛି ।

ଡିଭିଜନାଲ ଫରେଷ୍ଟ ଅଫିସରଙ୍କ ଦ୍ୱାରା ଆୟୋଜିତ ଫିତା କାଟିବା ସମାରୋହ ସହ ଔପଚାରିକ ଭାବରେ ଅଭୟାରଣ୍ୟର ଗେଟ୍ ଖୋଲାଯାଇଛି । ବେହେରା କହିଛନ୍ତି ଯେ, କର୍ମଚାରୀମାନଙ୍କ ସଂଖ୍ୟା ସୀମିତ ଥିବାରୁ ଏବେ ପାଇଁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଗୋଟିଏ ଦ୍ୱାର ରହିବ, କିନ୍ତୁ ପର୍ଯ୍ୟଟକମାନେ ସହଜରେ ଭିତରକୁ ପ୍ରବେଶ କରି ଭ୍ରମଣ କରିପାରିବେ ଏବଂ ସେହି ମାର୍ଗ ଦ୍ୱାରା ପୁନଃ ଫେରିପାରିବେ । ଅଭୟାରଣ୍ୟ ପୁନଃ ଖୋଲିବା ସହିତ ପ୍ରକୃତିପ୍ରେମୀ ଏବଂ ସ୍ଥାନୀୟ ପର୍ଯ୍ୟଟନ ବ୍ୟବସାୟୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଛି । ସେମାନଙ୍କ ଆଶା ଯେ, ଆସନ୍ତା ଶୀତକାଳ ଋତୁରେ ପର୍ଯ୍ୟଟକମାନଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ହେବ ।

## ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ

ବାଲିଆପାଳ, ୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନସ୍ଥ ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଏହି ବିଜ୍ଞାନ ମେଳାରେ ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଚାରୋଟି ବିଭାଗରେ ୧୩୪ ଜଣ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ । ପ୍ରଥମରୁ ଦ୍ୱିତୀୟ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ ବିଜ୍ଞାନ ପ୍ରଦର୍ଶନୀରେ ଆର୍ଯ୍ୟସ୍ମିତା ଜେନା ପ୍ରଥମ, ସ୍ମିତିପ୍ରଭା ପ୍ରାମାଣିକ ଦ୍ୱିତୀୟ, ସରୋଜ କୁମାର ପ୍ରଧାନ ତୃତୀୟ, ସ୍ଥାନ ଅଧିକାର କରିଥିବା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପାଇଁ ହୋଇଥିବା ବିଜ୍ଞାନ ପ୍ରଦର୍ଶନୀରେ ଆତ୍ମନ ପଣ୍ଡା ପ୍ରଥମ, ରାଜେନ୍ଦ୍ର ଧଳ ଦ୍ୱିତୀୟ, ସାଇସ୍ମାନ ଜେନା ତୃତୀୟ ।ସେହିପରି ପଞ୍ଚମ, ଷଷ୍ଠ ଓ ସପ୍ତମ ମଧ୍ୟରେ ଇପ୍ସିତା ଭୂୟାଁ ପ୍ରଥମ, ଶ୍ରଦ୍ଧା ସମ୍ପୂର୍ଣ୍ଣ ସାହୁ ଦ୍ୱିତୀୟ, ପ୍ରଣବ କୁମାର ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲ ଅଷ୍ଟମ ଶ୍ରେଣୀ ପାଇଁ ଅନୁଷ୍ଠିତ ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀରେ ସାଇଆର୍ଯ୍ୟଜିତ ପରିଡ଼ା ପ୍ରଥମ ପବିତ୍ର ଗିରି ଦ୍ୱିତୀୟ ଶାଶ୍ୱତ ଦାସ ଓ ଶୁଭଙ୍କର ବନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରଦର୍ଶନୀରେ ବିଚାରକ ଭାବେ ଜଗାଇ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ପବିତ୍ର ପଣ୍ଡା, ସୁବର୍ଣ୍ଣରେଖା ହାଇ ସ୍କୁଲର ଅରବିନ୍ଦ ବେହେରା, ଉଦୟ ନାରାୟଣ ହାଇସ୍କୁଲର ରାଜ ରୋସନ ବାଗ, ଡାଙ୍ଗରପଦା ହାଇସ୍କୁଲର ପୂର୍ଣ୍ଣେନ୍ଦୁ ଦାସ, ରାଇପୁର ୟୁପି ସ୍କୁଲର ରଞ୍ଜନ କୁମାର ମହାନ୍ତି,ରାମପ୍ରସାଦ ହାଇସ୍କୁଲର ଜଗନ୍ନାଥ ଭଞ୍ଜ ପ୍ରମୁଖ ଯୋଗ ଦେଇ ଛାତ୍ରୀ ଛାତ୍ରଙ୍କ ବିଜ୍ଞାନରେ ଦକ୍ଷତା ପରିମାପ କରି ପ୍ରଥମ ଦ୍ୱିତୀୟ ତୃତୀୟ ସ୍ଥାନନିରୁପଣ କରିବା ସହିତ ଏହି ପରି ବିଜ୍ଞାନ ପ୍ରଦର୍ଶନୀ ଦ୍ୱାର ଛାତ୍ରୀ ଛାତ୍ର ମାନଙ୍କର ବୈଜ୍ଞାନିକ ଚିନ୍ତାଧାରା ଅଭିବୃଦ୍ଧି ହେବା ସହିତ ଅନ୍ତର୍ନିହିତ ଜିଜ୍ଞାସୁ ଜ୍ଞାନର ପରିସୀମା ବଢ଼ି ଥାଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା,ସଭାପତି ପଞ୍ଚାନନ ପଣ୍ଡା, ସଂପାଦକ ଦେବବ୍ରତ ଦଣ୍ଡପାଟ, ରିହାଜ ଖାଁ,ଶୁଭ୍ରାଂଶୁ ସେଖର ଦେ,ବିବେକାନନ୍ଦ ବେହେରାଙ୍କ ସହିତ ସମସ୍ତ ଗୁରୁମା ଓ ଗୁରୁଜୀଙ୍କ ପରିଚାଳନା ବିଜ୍ଞାନ ମେଳା ସମାପନ ହୋଇଥିଲା ।



## ମାନସିଂବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ

ବାଲେଶ୍ୱର , ୧/୧୧ (ନି.ପ୍ର): ମ୍ୟୁନିସିପାଲଟି ଅନ୍ତର୍ଗତ ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ବରିଷ୍ଠ ଉପଦେଷ୍ଟା ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱୋଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ସସ୍ମିତା ପଣ୍ଡା, ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଶତପଥୀ ଓ ସୁଜିତ କୁମାର ପ୍ରଧାନ ଯୋଗଦେଇ ପିଲାମାନଙ୍କୁ ସାମ୍ପ୍ରତିକ ସମାଜରେ ବିଜ୍ଞାନର ଉପାଦେୟତା ବିଷୟରେ ମାର୍ଗ ଦର୍ଶନ କରାଇଥିଲେ । ବିଦ୍ୟାଳୟର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ସମ୍ପାଦକ ଗୟାଧର କର ଅତିଥି ପରିଚୟ ପ୍ରଦାନକରି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଅତିଥିମାନେ ଛାତ୍ରଛାତ୍ରୀମାନଙ୍କ ଉଚ୍ଚକୋଟିର ପ୍ରକଳ୍ପ ଦେଖି ପ୍ରଶଂସିତ ହେବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।ଏହି ମେଳାରେ ବିଭିନ୍ନ ବର୍ଗର ୮୦ଜଣ ଛାତ୍ରଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଜ୍ଞାନ ପ୍ରମୁଖ ନିରୁପମା ନାୟକ ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟା ମାନିନୀ ମହାନ୍ତି, ହରପ୍ରିୟା ଭୂୟାଁ,ପ୍ରୀୟଙ୍କା ସାହୁ, ଆରତୀମଣି ପାତ୍ରଙ୍କ ସମେତ ସମସ୍ତ ଆଚାର୍ଯ୍ୟାମାନେ ସହଯୋଗ କରିଥିଲେ । ଏଥିରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନ ଆସନ୍ତା ନଭେମ୍ବର ୮ ତାରିଖରେ ଜିଲ୍ଲା ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ ।




## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ-୨୦୨୫

ଭଦ୍ରକ , ୧/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସର ରେ ଭଦ୍ରକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗ ତରଫ ରୁ ଏକ ସଚେତନତା ପଦଯାତ୍ରା ଜିଲ୍ଲା ପୁଲିସ କାର୍ଯ୍ୟାଳୟ ରୁ ବାହାରି ଜିଲ୍ଲା ସଂସ୍କୃତି ଭବନ ରେ ସମାପ୍ତି ହୋଇଥିଲା । ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ପତାକା ଦେଖାଇ ଉକ୍ତ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ । ଏଥିରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀମାନେ ନଗର ପରିକ୍ରମା କରି ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସବୁ ବର୍ଗର ଲୋକମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଏହା ପରେ ଜିଲ୍ଲା ସଂସ୍କୃତି ଭବନ ସଭାଗୃହ ପରିସରରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଶେକ ବେହେରା, ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଭିଜିଲାନ୍ସ ଡି.ଏସ.ପି ଦୁସ୍ମନ୍ତ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଡା. ସଂଗୀତା ବଳ, ଇନସପେକ୍ଟର, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ସବିତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ତଳ ସ୍ତରରୁ ଉପର ସ୍ତର ପର୍ଯ୍ୟନ୍ତ ଦୁର୍ନୀତିକୁ ରୋକିବା ସହ ଜନସାଧାରଣଙ୍କର ବିଭିନ୍ନ ମୌଳିକ ସମସ୍ୟାକୁ ସେବା ମନୋଭାବ ରଖି କାର୍ଯ୍ୟକରିବାପାଇଁ ପରାମର୍ଶ ଦେଇଥିଲେ । ଦୁର୍ଏନୀତିର ମୂଳପ୍ତାଟନ ନହେଲେ ଏକ ସୁଦୃଢ ଓ ଆତ୍ମନିର୍ଭର ରାଜ୍ୟ ଗଠନ କରିବା ସମ୍ଭବ ନୁହେଁ । ଦୁର୍ନୀତି କରୁଥିବା ବ୍ୟକ୍ତି ଏବଂ ଦୁର୍ନୀତି ପ୍ରଶ୍ରୟ ଦେଉଥିବା ବ୍ୟକ୍ତି ସମଭାବେ ଦଣ୍ଡିତ ହେବା ଆବଶ୍ୟକ । ତତପରେ ତା.୨୮.୧୦.୨୦୨୫ ଏବଂ ୩୦.୧୦.୨୦୨୫ ରିଖ ହୋଇଥିବା ବ୍ଲକସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ/ଦ୍ୱିତୀୟ/ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।



## ଏସଏଚ୍‌ଜି ଗ୍ରୁପ ମହିଳାଙ୍କଠାରୁ ୩୫ ଲକ୍ଷ ଠକେଇ ମାମଲାରେ ମହିଳା ଗିରଫ ଓ କୋର୍ଟ ଚାଲାଣ

ବୈଶିଙ୍ଗା , ୧/୧୧ (ନି.ପ୍ର): ଦୀର୍ଘ ଦିନ ଧରି ପର୍ଯ୍ୟାୟ କ୍ରମେ ଏସଏଚଜି ମହିଳାଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ଘଟଣାରେ ଶୁକ୍ରବାର ଅପରାହ୍ନରେ ୩୩ ଜଣ ମହିଳା ବୈଶିଙ୍ଗା ଥାନାରେ କରୁଣାକର ବେହେରାଙ୍କ ସ୍ତ୍ରୀ ନିନି ସିଂ ନାମରେ ଅଭିଯୋଗ କରିଥିଲେ । ସେହି ଅଭିଯୋଗ ନେଇ ୫୫୬/୨୫ ମୂଳେ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା । ଆଜି ଅଭିଯୁକ୍ତ ମହିଳା ନିନି ସିଂ (୪୦)ଙ୍କୁ ଗିରଫ କରି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗ କାରିଣୀ ମହିଳା ମାନେ ଆଜି ସନ୍ଧ୍ୟାରେ ବୈଶିଙ୍ଗା ଥାନାରେ ପହଞ୍ଚି ଏହି ଭଳି ଆବୁରି ଶତାଧିକ ମହିଳାଙ୍କଠାରୁ ଠକି ନେଇଥିବା ଥାନାଧିକାରୀଙ୍କୁ ଜଣାଇଥିଲେ ।

## ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ପିସ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ




ବାଲିଆପାଳ, ୧/୧୧ (ନି.ପ୍ର): ବାଲିଆପାଳ ଲାୟନ୍ସ କ୍ଲବ ପକ୍ଷରୁ ବାଲିଆପାଳ ବ୍ଲକର ଅସ୍ତି ଗ୍ରାମପଞ୍ଚାୟତ ଅନ୍ତର୍ଗତ କଣ୍ଟାଡ଼ିହା ପଦ୍ମଲୋଚନ ନୋଡାଲ ବିଦ୍ୟାଳୟ ପରିସରରେ ୧୧ ରୁ ୧୩ ବର୍ଷର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପୃଥିବୀରେ ଶାନ୍ତିର ବାର୍ତ୍ତା ବହନ କରୁଥିବା ପିସ ପୋଷ୍ଟର ପ୍ରତିଯୋଗୀ ଅନୁଷ୍ଠିତ ହୋଇଥିଲା ।ଏହି ପ୍ରତିଯୋଗିତାରେ ପୁଷ୍ପାଞ୍ଜଳି ଗିରି ପ୍ରଥମ,ଶୁଭଶ୍ରୀ ସାହୁ ଦିତୀୟ ଓ ତାପସି ଜେନା ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଲାୟନ୍ସ କ୍ଲବର ସଭାପତି ଅମିତ କୁମାର ପଟନାୟକଙ୍କ ପରିଚାଳନା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ତାରାକାନ୍ତ ଜେନା, ବରିଷ୍ଠ ସଦସ୍ୟ ଝାଡେଶ୍ୱର ପ୍ରଧାନ, ଜେଡସି ତରୁଣ କୁମାର ମହାପାତ୍ର, ଭୁବନ ମୋହନ ପିଳା, ନବୀନ କୁମାର ପାତ୍ର, ଡ଼ଃ ଗୟାରାମ ଗଙ୍ଗାଇ, ଗୋପାଳ ଚନ୍ଦ୍ର ଜେନା ଏବଂ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବନ କୁମାର ଦେ, ଶିକ୍ଷକ ଅନନ୍ତ କୁମାର ଦାସ,ଶିକ୍ଷୟିତ୍ରୀ ରାଜଶ୍ରୀ ଜେନା, ସୁଜାତା ରଣା, ଜ୍ୟୋତିରେଖା ସାହୁ ଓ ବସୁମତୀ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ବଜରଙ୍ଗ କର୍ମୀ ଗାଈ ଚୋରକୁ ଧରି ପୁଲିସରେ ଜିମା ଦେଲେ

ଲଙ୍ଗଳେଶ୍ୱର , ୧/୧୧ (ନି.ପ୍ର): ବାଲିଆପାଳ ବ୍ଲକ ରେମୁ ଶନି ମନ୍ଦିର ନିକଟରେ ରହୁ ଥିବା ବି ବେହେରା ଗତକାଲି ରାତି ୨ଟା ବେଳେ ବାହାରକୁ ପରିସ୍ରା କରିବାକୁ ଉଠିଥିଲେ । ରାସ୍ତାରେ ବସ୍ତା ବ୍ଲକ କାଦରୟାଁ ଗ୍ରାମର ଦୁଇ ଜଣ ଗାଈ ଚୋର ଅନୁଓ୍ୱାର ତୁଲ୍ଲା ଓ ଶେକ ବାଞ୍ଚା ଗୋଟିଏ ଗାଈକୁ ଚଲାଇ ଚଲାଇ ନେଇ ଯାଉଥିଲେ । ବି ବେହେରା ଗାଈ ସହ ସେମାନଙ୍କୁ ଅଟକ ରଖି ପଚରା ଉଚରା କରିଥିଲେ । ଗାଈ ଟିକୁ ସେମାନେ ବୀରପାଲିଆ ଗ୍ରାମ ନିକଟ ନାଲ ପୁର ଗାଁ ବାଙ୍ଗରା ଟୁଡୁ ଠାରୁ କିଣି ଆଣିଥିବା କହିଥିଲେ । ବି ବେହେରା ର ସନ୍ଦେହ ହେବାରୁ ବାଲିଆପାଳ ବଜରଙ୍ଗ ଦଳ କର୍ମୀ ମାନଙ୍କୁ ସେ ଖବର ଦେଇଥିଲେ । ବଜରଙ୍ଗ କର୍ମୀ ମାନେ ସକାଳ କୁ ବାଲିଆପାଳ ପୁଲିସ କୁ ଖବର ଦେବାରୁ ପୁଲିସ ଗାଈ ସହ ସେମାନଙ୍କୁ ଗିରଫ କରି ଥାନାକୁ ନେଇ ଯାଇଛି । ପୂର୍ବରୁ ପାଳସାହି ଗ୍ରାମର ପ୍ରଦୀପ ମହାପାତ୍ରଙ୍କ ଘରୁ ମଧ ଦୁଇଟି ଗାଈ ଚୋରି ହୋଇ ଥିଲା । ପ୍ରଦୀପ ଏମାନଙ୍କୁ ସନ୍ଦେହ କରୁଥିବା ପ୍ରକାଶ । ତେବେ ପୁଲିସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।

## ଗଛ କାଟିବାକୁ ନେଇ ବରହମପୁର କଲେଜରେ ଉତ୍ତେଜନା: ଏକ ପ୍ଲାଟୁନ ଫୋର୍ସ ମୁତୟନ

ନୀଳଗିରି , ୧/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ବରହମପୁର ଉଚ୍ଚମାଧମିକ ବିଦ୍ୟାଳୟ ପରିସରରେ ଥିବା ୪୫୪ଟି ୟୁକାଲିପଟାସ ଗଛକୁ ନିଲାମ କରିବାକୁ ଯାଉଥିବା ବେଳେ ଖବରପାଇ ବାଉଁଶପାଳ ମୌଜାର ଶହେରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଉକ୍ତ ନିଲାମ ବନ୍ଦ କରିବାସହ ଉକ୍ତ ଗଛକୁ ଗ୍ରାମବାସୀ ନେବାପାଇଁ ଅଡି ବସିବା ସହିତ ଗେଟ୍ ସାମ୍ନାରେ ଧାରଣାରେ ବସିଥିଲେ । ଫଳରେ କଲେଜ କ୍ୟାମ୍ପସରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ବରହମପୁର ପୋଲିସ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବା ଦେଖାଯାଇଥିଲା । ସୂଚନା ମୁତାବକ କଲେଜ ପଛପଟ ଜାଗାରେ ବହୁବର୍ଷ ପୂର୍ବରୁ ସରକାରୀ ଅନୁଦାନରେ ଗଛ ଲାଗିଥିବା ବେଳେ ସ୍ଥାନୀୟ ବାସିନ୍ଦା ଏହାର ଦେଖରେଖ କରିବା ସହିତ ଯତ୍ନ ନେଇଥିଲେ । ମାତ୍ର କିଛିବର୍ଷ ପୂର୍ବରୁ ଉକ୍ତ ଜମି କଲେଜ ନାମରେ ରେଜିଷ୍ଟ୍ରିଭୁକ୍ତ ହୋଇଥିବାରୁ ଏହାଏବେ କଲେଜ କବଜାରେ ରହିଛି । ଯେତେବେଳେ କି କଲେଜ ପାଇଁ ଏକ ନୂତନଗୃହ ପାଇଁ ସରକାରୀ ଅନୁଦାନରେ ଟଙ୍କା ଆସିଥିବାରୁ କଲେଜ ସାମ୍ନାରେ ଜାଗା ନଥିବା କାରଣରୁ ପଛପଟ ଜାଗାରେ କତୃପକ୍ଷ ନିଷ୍ପତ୍ତିନେଇ ଉକ୍ତ ଜାଗାରେ ଥିବା ଗଛକୁ ପ୍ରକାଶ୍ୟରେ ନିଲାମପାଇଁ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ କରିଥିଲେ । ପ୍ରଥମଥର ବାତିଲ ହୋଇଥିବା ବେଳେ ଆଜି ନିଲାମ ହେବାର ଥିଲା । ଖବରପାଇ ସ୍ଥାନୀୟ ବାସିନ୍ଦା ବିରୋଧକରିବା ସହିତ ନିଲାମ ରଦ୍ଦକରି ସେମାନଙ୍କୁ ଗଛଗୁଡ଼ିକ ସରକାରୀ ଦରରେ ଦେବାକୁ ଅଡି ବସିଥିଲେ । ଫଳରେ କିଛି ସମୟପାଇଁ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା । ପରେ ନୀଳଗିରି ତହସିଲଦାର ସୋନମ୍ ଦାସ ଘଟଣା ସ୍ଥଳରେ ପହଞ୍ଚି ଉଭୟପକ୍ଷଙ୍କୁ ଡାକି ସମାଧାନ ପାଇଁ ଚେଷ୍ଟା କରିଥିଲେ । ଶେଷରେ ଆଜିର ନିଲାମକୁ ବାତିଲ କରାଯାଇ ପୁନର୍ବାର ନିଲାମ କରିବା ଏବଂ ଗ୍ରାମବାସୀଙ୍କ ସହଯୋଗରେ ନିଲାମ କରାଯିବାର ପ୍ରତିଶ୍ରୁତି ପରେ ଉତ୍ତେଜନା ହ୍ରାସପାଇବା ସହିତ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି ।



## ଦିବଂଗତ ସାମ୍ବାଦିକ କିଶୋର ବେହେରାଙ୍କ ପରିବାରକୁ ସହାୟତା

ଖଇରା, ୧/୧୧ (ନି.ପ୍ର): ଖଇରା ଅଞ୍ଚଳର କାର୍ଯ୍ୟରତ ସାମ୍ବାଦିକ କିଶୋର କୁମାର ବେହେରା କିଡିନୀ ରୋଗରେ ଆକ୍ରାନ୍ତ ହୋଇ ମଙ୍ଗଳବାର ଆଖିବୁଜିଥିବା ବେଳେ ବିଶିଷ୍ଟ ବିଜେପିର ଟାଣୁଆ ଯୁବ ନେତା ନିଳମାଧବ ପଣ୍ଡା ମୃତ କିଶୋରର ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିବା ବେଳେ ଆର୍ଥୀକ ସହଯୋଗ ର ହାତ ବଢାଇଛନ୍ତି । ତୁଡିଗଡିଆ ମଣ୍ଡଳର ପୂର୍ବତନ ସଭାପତି ମହେଶ୍ୱର ନାଥଙ୍କ ସମେତ ଅନ୍ୟାନ୍ୟ ବିଜେପି କର୍ମୀ ଉପସ୍ଥିତ ଥିଲେ । ଏଥିସହ ଆଗାମୀ ଦିନରେ ମଧ୍ୟ ସହାୟତା ଜାରି ରଖିବାକୁ ପ୍ରତିଶୃତି ଦେଇଥିଲେ ।

## ମୟୁରଭଞ୍ଜ ଜିଲ୍ଲାରେ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମର ସଫଳ ରୂପାୟନ

ବାରିପଦା , ୧/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ଆହ୍ୱାନ କ୍ରମେ ଜିଲ୍ଲା, ବ୍ଲକ ଓ ଗ୍ରାମାଞ୍ଚଳରେ ଉଲ୍ଲାସ : ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୟୁରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକରେ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ନାଗରିକ ମାନଙ୍କୁ ନେଇ ପ୍ରଥମ ମୌଳିକ ଭାଷା ଓ ଗଣିତ ପରୀକ୍ଷା ଆୟୋଜିତ ହୋଇଯାଇଛି ଓ ଏହା ଦ୍ୱାରା ସେମାନଙ୍କର ପ୍ରାଥମିକ ସ୍ତରର ଗଣିତ ଓ ଭାଷା ଦକ୍ଷତା ପରଖା ଯାଇପାରିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି ଓ ଯୁଗ୍ମ ନିର୍ଦ୍ଦେଶକ ଅଙ୍କୁର ବାରିକ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବା ସହ ଏହି କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଯୁଗ୍ମ ନିର୍ଦ୍ଦେଶକଙ୍କୁ ସହଯୋଗ କରିଥିଲେ ଓ ଜିଲ୍ଲାର ମୋଟ ୪୩୭୫୨ ଜଣ ପୁରୁଷ ଓ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଓ ବାରିପଦାର ମା ଅମ୍ବିକା ମହିଳା ମହାମଣ୍ଡଳ ଏନ ଜି ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ବିଦ୍ୟାଳୟ ସ୍ତରରେ ଶିକ୍ଷକ/ ଶିକ୍ଷୟତ୍ରୀ, ସି ଆର ସି ସି, ବ୍ଲକ ନୋଡାଲ ଅଫିସର ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଦ୍ୱାରା ସାଧାରଣ ଜନସାଧାରଣଙ୍କ ଜୀବନରେ ମୌଳିକ ଶିକ୍ଷା ଓ ସାକ୍ଷରତା ବୃଦ୍ଧିରେ ସାହାଯ୍ୟ କରିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠି ପ୍ରକାଶ କରିଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida